ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 50 | 14 - 20 December 2025 | Sambalpur | Pages- 8 | Invitation Price Rs.10

# ସମ୍ବଲପୁରରେ ପଶ୍ଚିମଓଡ଼ିଶା ଦିବ୍ୟଜୀବନ ସଂଘ ତ୍ରିଦିବସୀୟ ଆଧାତ୍ମିକ ସମ୍ମିଳନୀ








ସମ୍ବଲପୁର : ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସମ୍ବଲପୁରରେ ପଶ୍ଚିମଓଡ଼ିଶା ଦିବ୍ୟଜୀବନ ସଂଘ ତ୍ରିଦିବସୀୟ ଆଧାତ୍ମିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । ଋଷିକେଶ ସ୍ଥିତ ଦିବ୍ୟଜୀବନ ସଂଘ ମୁଖ୍ୟ କାର୍ଯ୍ୟାଳୟର ଉପସଭାପତି ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ଏଥିରେ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଦିବ୍ୟଜୀବନ ସଂଘ ମୁଖ୍ୟ କାର୍ଯ୍ୟାଳୟର ସାଧାରଣ ସଂପାଦକ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତା ତଥା କାର୍ଯ୍ୟକ୍ରମର ଆବାହକ ପ୍ରଫେସର ମୀନକେତନ ପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ବିଶ୍ବାତ୍ମା ଚେତନା ପରିଷଦର ଅଧ୍ୟକ୍ଷ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ, ଋଷିକେଶ ଆଶ୍ରମର ସ୍ୱାମୀ ଧର୍ମନିଷ୍ଠାନନ୍ଦ ସରସ୍ୱତୀ, ରାଉରକେଲା ବେଦବ୍ୟାସ ଆଶ୍ରମର ସ୍ୱାମୀ ବ୍ରହ୍ମସାକ୍ଷାତକାରା ନନ୍ଦ ସରସ୍ୱତୀ, ଗହମ ଶିବାନନ୍ଦ ସେବାଗ୍ରାମର ସ୍ୱାମୀ କୃଷ୍ଣଦାସାନନ୍ଦ ସରସ୍ୱତୀ, ସୁନ୍ଦରଗଡ଼ ଆର୍ଷ ବିଦ୍ୟାସ୍ୱାଧାୟର ସ୍ୱାମୀ ତନ୍ନିଷ୍ଠାନନ୍ଦ ସରସ୍ୱତୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଆର୍ଶୀବଚନ ଦେଇଥିଲେ । ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ଅଧିବେଶନ ରଖାଯାଇଥିବା ସାଙ୍ଗକୁ ସ୍ୱାମୀଜୀ ମାନଙ୍କର ପ୍ରବଚନ କାର୍ଯ୍ୟକ୍ରମ ରହିଛି । ୧୫ ତାରିଖ ଦିନ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀଙ୍କର ମନ୍ତ୍ରଦୀକ୍ଷା କାର୍ଯ୍ୟକ୍ରମ ମଧ ରହିଛି । ଦୀର୍ଘ ୫୦ ବର୍ଷ ପରେ ସମ୍ବଲପୁରରେ ଆୟୋଜିତ ଦିବ୍ୟଜୀବନ ସଂଘର ଏହି ଭବ୍ୟ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ସମେତ ଅନ୍ୟାନ୍ୟ ଅଞ୍ଚଳରୁ ବହୁ ପ୍ରତିନିଧି ଯୋଗ ଦେଇଛନ୍ତି ।







# ସରକାରୀ ବିଦ୍ୟାଳୟରେ କ୍ରମାଗତ କମୁଛି ନାମଲେଖା

ଭୁବନେଶ୍ୱର : ସରକାରୀ ବିଦ୍ୟାଳୟ ପ୍ରତି ପିଲାଙ୍କୁ ଆକର୍ଷିତ କରିବାକୁ ବହୁ ପଦକ୍ଷେପ ନେଉଛନ୍ତି ସରକାର। ବିଦ୍ୟାଳୟ ଭିତ୍ତିଭୂମିରେ ସୁଧାର ଅଣା ଯାଉଥିବା ବେଳେ ମଧାହ୍ନ ଭୋଜନ, ମାଗଣା ପୋଷାକ, ସାଇକଲ, ଛାତ୍ରବୃତ୍ତି ଭଳି ବିଭିନ୍ନ ସୁବିଧା ଛାତ୍ରଛାତ୍ରୀଙ୍କୁ ମିଳୁଛି। ତଥାପି ସରକାରୀ ବିଦ୍ୟାଳୟ ଉପରେ ଅନେକ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଭରସା ପାଉନାହିଁ। ଅଧିକ ପଇସା ଖର୍ଚ୍ଚ କରି ପିଲା ଘରୋଇ ବିଦ୍ୟାଳୟରେ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। କ୍ରମାଗତ ଘରୋଇ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢୁଥିବା ବେଳେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଏହା ହ୍ରାସ ପାଉଛି। ଗତ ୩ ବର୍ଷର ନାମଲେଖା ତଥ୍ୟରୁ ଏହା ଜଣାପଡ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ତଥ୍ୟ ଅନୁଯାୟୀ, ୨୦୨୨-୨୩ ଶିକ୍ଷାବର୍ଷରେ ରାଜ୍ୟରେ ଥିବା ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ମୋଟ ୫୪, ୬୭୫ ବିଦ୍ୟାଳୟରେ ୬୧, ୨୨, ୫୧୭ (୮୧%) ପିଲା ନାମ ଲେଖାଇଥିଲେ। ୨୦୨୩-୨୪ରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୦, ୯୦, ୮୨୨ (୮୦%)କୁ ହ୍ରାସ ପାଇଥିଲା। ୨୦୨୪- ୨୫ରେ ଏହି ସଂଖ୍ୟା ୫୯, ୧୬, ୬୦୬ (୭୯%)କୁ ଖସି ଆସିଛି। ଅପରପକ୍ଷରେ ଏହି ଅବଧି ମଧରେ ଘରୋଇ ଏବଂ ଅନ୍ୟାନ୍ୟ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି ପାଇଛି। ୨୦୨୨-୨୩ରେ ୭, ୨୧୬ ଘରୋଇ ବିଦ୍ୟାଳୟରେ ୧୪, ୧୦, ୮୨୦ (୧୯%) ପିଲା ପଢୁଥିଲେ। ୨୦୨୩-୨୪ ଓ ୨୦୨୪- ୨୫ରେ ଏହି ସଂଖ୍ୟା ଯଥାକ୍ରମେ ୧୪, ୯୫, ୨୫୭ (୨୦%), ୧୫, ୫୯, ୫୩୭ (୨୧%)କୁ ବଢ଼ିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, କରୋନା ପରବର୍ତ୍ତୀ ସମୟରେ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢୁଥିବାବେଳେ ଗତ ୩ ବର୍ଷ ହେଲା ଘରୋଇ ବିଦ୍ୟାଳୟରେ ନାମଲେଖା ବୃଦ୍ଧି ପାଇଛି। ୨୦୨୧-୨୨ ଶିକ୍ଷାବର୍ଷ ତୁଳନାରେ ୨୦୨୨-୨୩ରେ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା ୦.୩୮% (୧୯, ୩୭୫) ବୃଦ୍ଧି ହୋଇଥିବା ବେଳେ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୮.୭୫% (୭୫, ୧୨୫) ବଢ଼ିଥିଲା। ଅନ୍ୟପକ୍ଷରେ ଏହି ଅବଧି ମଧରେ କେନ୍ଦ୍ରୀୟ ସରକାରୀ ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ବିଦ୍ୟାଳୟରେ ୦.୧୦% (୯୦) ଓ ଘରୋଇ ବିଦ୍ୟାଳୟଗୁଡ଼ିକରେ ୦.୭୨% (୧୦, ୨୫୬) ନାମଲେଖା କମିଥିଲା। ହେଲେ ୨୦୨୨-୨୩ ଶିକ୍ଷାବର୍ଷ ପରଠାରୁ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମିବାରେ ଲାଗିଛି। ୨୦୨୪-୨୫ ଶିକ୍ଷାବର୍ଷରେ ୫୪, ୩୮୨ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୫୯, ୧୬, ୬୦୬ ଛାତ୍ରଛାତ୍ରୀ ପଢୁଛନ୍ତି। ସେହିପରି ୭, ୦୮୫ ଘରୋଇ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫, ୫୯, ୫୩୭ ରହିଛି।

ସରକାରୀ ବିଦ୍ୟାଳୟରେ ପ୍ରତିବର୍ଷ ଏପ୍ରିଲ ମାସରେ ନାମଲେଖା ଅଭିଯାନ ପାଇଁ ସଚେତନତା ରଥ ପ୍ରତ୍ୟେକ ଗାଁ ଓ ସହରାଞ୍ଚଳ ପରିକ୍ରମା କରିଥାଏ। ସବୁ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଆୟୋଜନ କରାଯାଇ ଶତପ୍ରତିଶତ ନାମଲେଖା ନିଶ୍ଚିତ କରାଯାଇଥାଏ। ସେହିପରି ବାର୍ଷିକ କ୍ୟାଲେଣ୍ଡର ଅନୁଯାୟୀ ପ୍ରତି ତିନିମାସରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଗୋଟିଏ ଦିନରେ ପିତାମାତା ଶିକ୍ଷକ ସଭା (ପିଟିଏମ) ଅନୁଷ୍ଠିତ ହେଉଛି। ନବମ ଶ୍ରେଣୀରେ ପଢୁଥିବା ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସାଇକଲ କିଣିବା ପାଇଁ ୩, ୫୦୦ ଟଙ୍କା ପ୍ରଦାନ କରାଯାଉଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ପୋଷାକ (ୟୁନିଫର୍ମ) ଯୋଗାଇ ଦିଆଯାଉଛି। ଏସ୍‌ସି/ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ପ୍ରଦାନ କରାଯାଉଛି। ଦଶମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ରନ୍ଧା ଖାଦ୍ୟ ମିଳୁଛି। ଏହାଛଡ଼ା ଦୂରାଗତ ଛାତ୍ରଛାତ୍ରୀଙ୍କୁ ନିୟମାନୁସାରେ ପରିବହନ ଏବଂ ଏସ୍କର୍ଟ ସୁବିଧା (ଦଶମାସ ପାଇଁ ୬ ହଜାର ଟଙ୍କା) ପ୍ରଦାନ କରାଯାଉଥିବା ସୂଚନା ରହିଛି।

## ପୂର୍ବତନ ବିଧାୟକଙ୍କୁ ମାସିକ ୧,୧୭,୫୦୦

ଭୁବନେଶ୍ୱର : ରାଜ୍ୟ ସରକାର ବିଧାୟକ ଓ ମନ୍ତ୍ରୀଙ୍କ ଦରମା, ଭତ୍ତା ବୃଦ୍ଧି କରିବା ସହିତ ପୂର୍ବତନ ବିଧାୟକଙ୍କ ପେନସନ୍ ମଧ ବୃଦ୍ଧି କରିଛନ୍ତି। ଏଥିସହିତ ପେନସନ ପାଇବା ଏକ ବର୍ଷ ଅବଧି ପୂରଣ କରିବା ନିୟମକୁ ମଧ ଉଠାଇ ନିଆଯାଇଛି। ଫଳରେ ଜଣେ ବିଧାୟକ ନିର୍ବାଚିତ ହେବା ପର ଦିନ ଠାରୁ ପେନସନ୍ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ପୂର୍ବତନ ବିଧାୟକମାନଙ୍କର ପେନସନ୍ ବୃଦ୍ଧି ପ୍ରସ୍ତାବକୁ ଗୃହର ଅନୁମୋଦନ ମିଳିଛି। ପୂର୍ବତନ ବିଧାୟକଙ୍କୁ ଏଣିକି ମାସିକ ୩୫ ହଜାର ଟଙ୍କା ପେନସନ୍ ପରିବର୍ତ୍ତେ ୮୦ ହଜାର ଟଙ୍କା ମିଳିବ। ଅନ୍ୟ ଭତ୍ତାକୁ ମିଶାଇ ସେମାନଙ୍କୁ ମାସିକ ୧ଲକ୍ଷ ୧୭ ହଜାର ୫୦୦ ଟଙ୍କା ମିଳିବ। ପୂର୍ବତନ ବିଧାୟକଙ୍କୁ ୮୦ ହଜାର ଟଙ୍କା ଦରମା ବ୍ୟତୀତ ଚିକିତ୍ସା ସହାୟତା ବାବଦରେ ମାସିକ ୨୫ ହଜାର ଟଙ୍କା, ଗସ୍ତ ଖର୍ଚ୍ଚ ବାବଦରେ ମାସିକ ୧୨,୫୦୦ ଟଙ୍କା ମିଳିବ। ପୂର୍ବରୁ ଚିକିତ୍ସା ପାଇଁ ୨ ହଜାର ଟଙ୍କା ଦିଆଯାଉଥିଲା। ସେହିପରି ବିଧାୟକ ଭାବେ ୫ ବର୍ଷ କାର୍ଯ୍ୟକାଳ ଶେଷ କରିବା ପରେ ଯେତେ ଅଧିକ ବର୍ଷ ବିଧାୟକ ଭାବେ କାର୍ଯ୍ୟ କରିଥିବେ ତାଙ୍କୁ ବର୍ଷ ପ୍ରତି ଅତିରିକ୍ତ ଭାବେ ମାସିକ ୩ ହଜାର ଟଙ୍କା ମିଳିବ। ପୂର୍ବରୁ ଏଥିପାଇଁ ସେମାନଙ୍କୁ ୨ ହଜାର ଟଙ୍କା ଲେଖାଏଁ ମିଳୁଥିଲା। ସେହିପରି ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇ ମୃତ୍ୟୁବରଣ କଲେ ତାଙ୍କ ଉତ୍ତରାଧିକାରୀଙ୍କୁ ଏକକାଳୀନ ୨୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ।

## ଡିଏଭିରେ ଯୋଗ ଓ ଧ୍ୟାନ ସମ୍ବଳିତ ସଂସ୍କାରଧର୍ମୀ କାର୍ଯ୍ୟକ୍ରମ

ଝାରସୁଗୁଡ଼ା: ଡିଏଭି ସ୍କୁଲ ପରିସରରେ କିଶୋର ଅବସ୍ଥାରେ ଛାତ୍ରଛାତ୍ରୀଙ୍କ ମାନସ ପଟରେ ନୈତିକ ମୂଲ୍ୟବୋଧ ଓ ଶୃଙ୍ଖଳାଗତ ସଂସ୍କାରକୁ ଅଧିକ କ୍ରିୟାଶୀଳ ଓ ସଫଳତାମୁଖୀ କରିବା ଉଦ୍ଦେଶ୍ୟରେ କିଶୋର ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ର ସଭାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଅଖିଳ ଭାରତୀୟ ଗାୟତ୍ରୀ ପରିବାରର ପ୍ରାନ୍ତ ଯୋଗ ସଂଯୋଜକ ତଥା ଉତ୍କଳ ବିଶ୍ୱ ବିଦ୍ୟାଳୟର ଯୋଗ ପ୍ରଫେସର ଡକ୍ଟର ବିଶ୍ୱ ରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଶୋର ଛାତ୍ରଛାତ୍ରୀ ମାନଙ୍କୁ ଶାରୀରିକ ଓ ମାନସିକ ସୁସ୍ଥତା, ମନ ଏକାଗ୍ରତା, ଧୀଶକ୍ତି ବୃଦ୍ଧି, ଶୃଙ୍ଖଳିତ ଜୀବନଧାରଣ, ସଂସ୍କାରିତ ଆଚରଣ, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା, ଉତ୍ତମ ଚରିତ୍ର ଗଠନ, ବିଦ୍ୟାର୍ଥୀ ଜୀବନ ଲକ୍ଷଣ, ନୈତିକ ପରମ୍ପରା, ଅନୁଶାସନ, ଧାର୍ମିକ ତଥା ସାଂସ୍କୃତିକ ବିଚାର ସନ୍ଦର୍ଭରେ ଗବେଷଣାମୂଳକ ତଥ୍ୟ ଉପସ୍ଥାପନ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଯୋଗାସନ ଓ ପ୍ରାଣାୟମ ଅଭ୍ୟାସର ଆବଶ୍ୟକତା ବାବଦରେ ଅବଗତ କରାଇଥିଲେ। ମୋବାଇଲ ଫୋନ ଠାରୁ ଦୂରେଇ ରହି ନିଜ ସୃଜନୀ ଶକ୍ତିର ବିକାଶ ଘଟାଇବା ସହିତ ନିଜ ଜ୍ଞାନ ଓ ସ୍ମରଣ ଶକ୍ତିର ବୃଦ୍ଧିରେ ସହାୟକ ହେବା ଲାଗି ସେ କିଶୋର ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଗାୟତ୍ରୀ ପରିବାରର ବରିଷ୍ଠ ସଭ୍ୟ ତଥା ସଂଯୋଜକ ରୋହିତେଶ୍ୱର ପ୍ରଧାନ ଓ ଗାୟତ୍ରୀ ପରିବାର ସଭ୍ୟ ତଥା ସେବାନିବୃତ୍ତ ଅଧାପକ ଅଲେଖ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଓପିଜିସିର ପାଉଁଶ ପୋଖରି ହିଡ଼ ଭାଙ୍ଗିବା ମାମଲାରେ ଗ୍ରାମବାସୀଙ୍କୁ କ୍ଷତିପୂରଣ ଦେବାକୁ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା: ବନହରପାଲି ସ୍ଥିତ ଓପିଜିସି ର ପାଉଁଶ ପୋଖରୀ ହିଡ ଭାଙ୍ଗିବା ଘଟଣାରେ ଦୁଇଟି ଗ୍ରାମର ୧୨୭ ଟି ପରିବାରକୁ ରାଜ୍ୟ ମାନବାଧିକାର କମିଶନ କ୍ଷତି ପୂରଣ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଚଳିତ ମାସ ୩୦ ତାରିଖ ସୁଦ୍ଧା କମିଶନଙ୍କୁ ଅବଗତ କରିବା ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ପଟ୍ଟାଧାରି ପ୍ରଜାମାନଙ୍କୁ ଏକର ପ୍ରତି ଯେଉଁ କ୍ଷତି ପୂରଣ ପ୍ରଦାନ କରାଯାଇଛି ସେହି ଦରରେ ଉଭୟ ଗ୍ରାମର ଲୋକଙ୍କୁ କ୍ଷତି ପୂରଣ ପ୍ରଦାନ କରିବା ପାଇଁ ଆଦେଶରେ ଉଲ୍ଲେଖ ଅଛି। ଗତ ୨୦୨୩ ମସିହାରେ ପାଉଁଶ ପୋଖରିର ହିଡ ଭାଙ୍ଗି ପାଉଁଶ ସ୍ଲରି ଚାଷ ଜମିରେ ମାଡି ଯିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇ ଥିଲେ। ସେ ସମୟରେ ଓପିଜିସି ପକ୍ଷରୁ କ୍ଷତିଗ୍ରସ୍ତ ଚାଷ ଜମି ଚାଷ ଉପଯୋଗୀ ହେବା ପର୍ଯ୍ୟନ୍ତ କ୍ଷତି ପୂରଣ ଦେବାକୁ ରାଜି ହୋଇ ଥିଲା ଓ ୨୦୨୪ ମସିହାରେ କେବଳ ଜମି ପଟ୍ଟା ଥିବା ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ କରାଯାଇଥିଲା। ତେବେ ହୀରାକୁଦ ଜଳ ଭଣ୍ଡାର ଓ ସରକାରୀ ଜମିରେ ଚାଷ କରିଥିବା ଲୋକଙ୍କୁ କ୍ଷତି ପୂରଣ ପ୍ରଦାନ ନ କରିବାରୁ ଏ ନେଇ ଶ୍ରଦ୍ଧାପାଲି ଓ କଣ୍ଟାଟିକ୍ରା ବାସୀ କମିଶନ ନିକଟରେ ଅଭିଯୋଗ କରିଥିଲେ। ହୀରାକୁଦ ଜଳ ଭଣ୍ଡାର ଦ୍ୱାରା ଜମି ହରାଇ ଜଳ ଭଣ୍ଡାର ଓ ସରକାରୀ ଜମିରେ ଦୀର୍ଘ ଦିନ ଧରି ଚାଷ କରୁ ଥିବାରୁ କ୍ଷତି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଓପିଜିସିକୁ କମିଶନ ଆଦେଶ ଦେଇଛନ୍ତି।

## ଗ୍ରାମ୍ୟ ପର୍ଯ୍ୟଟନ ଓ ଗ୍ରାମ୍ୟ ଭିତ୍ତିଭୂମି ବିକାଶ ନେଇ ସମନ୍ୱୟ ବୈଠକ

ଝାରସୁଗୁଡ଼ା: ଗ୍ରାମ୍ୟ ପର୍ଯ୍ୟଟନ ଓ ଗ୍ରାମ୍ୟ ଭିତ୍ତିଭୂମି ପ୍ରକଳ୍ପର ବିକାଶ ପାଇଁ ଏକ ସମନ୍ୱୟ ବୈଠକ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚୌହାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତରେ ଆଦର୍ଶ ଗ୍ରାମ୍ୟ ଭିତ୍ତିଭୂମିର ପ୍ରତିଷ୍ଠା କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚୟନ କରାଯାଇଥିବା ପର୍ଯ୍ୟଟନ ସ୍ଥଳଗୁଡ଼ିକ ପାଇଁ ଏକ ବ୍ୟାପକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରି ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ, ଝାରସୁଗୁଡ଼ା ଜିଲ୍ଲାର ପ୍ରତ୍ୟେକ ଗ୍ରାମାଞ୍ଚଳରେ ଉନ୍ନତ ସୁବିଧା ଯୋଗାଇବା ପାଇଁ ମଡେଲ ଅଙ୍ଗନବାଡ଼ି କେନ୍ଦ୍ର, ମଡେଲ ଖେଳପଡ଼ିଆ, ମଡେଲ ଗ୍ରାମୀଣ ହାଟ ଏବଂ ମଡେଲ ଶ୍ମଶାନ ଗୃହ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ସ୍ମାର୍ଟ ମଡେଲ ମଣ୍ଡି ପାଇଁ ସ୍ଥାନ ଚୟନ ନେଇ ବୈଠକ

ଝାରସୁଗୁଡ଼ା: ଜିଲ୍ଲାରେ କୃଷିଜାତ ଦ୍ରବ୍ୟର ବଜାର ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୫ଟି ଉପଯୁକ୍ତ ସ୍ଥାନକୁ 'ସ୍ମାର୍ଟ ମଡେଲ ମଣ୍ଡି' ଭାବେ ବିକଶିତ କରିବା ପାଇଁ ଚୟନ ଏବଂ ଚୂଡ଼ାନ୍ତ କରିବାକୁ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚୌହାନଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ପ୍ରସ୍ତାବିତ ମଣ୍ଡିଗୁଡ଼ିକର ଭିତ୍ତି ଭୂମି ଆବଶ୍ୟକତା, କାର୍ଯ୍ୟକ୍ଷମତା, ଚାଷୀମାନଙ୍କ ପାଇଁ ସୁଗମତା ଏବଂ ଦୀର୍ଘମିଆଦି ସ୍ଥାୟୀତ୍ୱ ଉପରେ ବୈଠକରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ଏହି ସ୍ମାର୍ଟ ମଡେଲ ମଣ୍ଡିଗୁଡ଼ିକ ଜିଲ୍ଲାର କୃଷିଜାତ ସାମଗ୍ରୀର ବିକ୍ରି ପାଇଁ ଅତ୍ୟାଧୁନିକ ସୁବିଧା ଯୋଗାଇବାର ଲକ୍ଷ୍ୟ ରଖିଛି।

## ଝାରସୁଗୁଡାରେ ଜଳସେଚନ ଡିଭିଜନ୍ ପ୍ରତିଷ୍ଠା ପାଇଁ ବିଧାୟକଙ୍କ ଦାବି

ଝାରସୁଗୁଡ଼ା: ଝାରସୁଗୁଡା ଜିଲ୍ଲାରେ ଏକ ଜଳସେଚନ ଡିଭିଜନ୍ ପ୍ରତିଷ୍ଠା କରିବା ପାଇଁ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଶ୍ରୀ ତ୍ରିପାଠୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଝାରସୁଗୁଡାରେ ଡିଭିଜନ୍ ଅଫିସ୍ ନ ଥିବା ଫଳରେ କୃଷି ଓ ଆନୁଷାଙ୍ଗିକ ବିକାଶ ପାଇଁ ଜରୁରୀ ଜଳସେଚନ ପ୍ରକଳ୍ପ ଗୁଡିକରେ କାର୍ଯ୍ୟକାରିତାରେ ସମସ୍ୟା ସୃଷ୍ଟି ହେଉଛି। ଝାରସୁଗୁଡାରେ ଏକ ଜଳସେଚନ ବିଭାଗ ସ୍ଥାପନ କରିବା ଦ୍ୱାରା ବର୍ତ୍ତମାନ ଏବଂ ଆଗାମୀ ଜଳସେଚନ କାର୍ଯ୍ୟର ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ତଦାରଖରେ ଯଥେଷ୍ଟ ଉନ୍ନତି ଆସିବ। ଏହାଛଡା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇ ନ ଥିବା ପ୍ରକଳ୍ପ ଗୁଡିକର ଦ୍ରୁତ ସମାପନ ଦିଗରେ ସହାୟକ ହେବ। ଝାରସୁଗୁଡାର ସାମଗ୍ରିକ ସାମାଜିକ-ଆର୍ଥିକ ପ୍ରଗତି ପାଇଁ ଜଳସେଚନ ଭିତ୍ତିଭୂମିର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଏଠାରେ ଯଥାଶୀଘ୍ର ଏକ ଜଳସେଚନ ଡିଭିଜନ୍ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେବାକୁ ଶ୍ରୀ ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ କଂସ ବରଣ

ଝାରସୁଗୁଡ଼ା : ଚଳିତ ମାସ ୨୮ ତାରିଖ ଠାରୁ ଅନୁଷ୍ଠିତ ହେବାକୁ ଥିବା ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର କଂସ ଭୂମିକାରେ ଅଭିନୟ କରୁଥିବା ରବିନ୍ଦ୍ର ସାହୁଙ୍କୁ ମହୋତ୍ସବ କମିଟି ପକ୍ଷରୁ ବରଣ କରାଯାଇଛି। ଚଳିତ ବର୍ଷ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ୧୯ ବର୍ଷରେ ପର୍ଦ୍ଦାପଣ କରିବ। ଝାରସୁଗୁଡ଼ା ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାରେ ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ପରେ ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଏକ ନିଆରା ପରମ୍ପରା ସୃଷ୍ଟି କରିଛି। ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା ର କଂସ ଭୂମିକାରେ ଅଭିନୟ କରିଥିବା ଭୁବେନଶ୍ୱର ପ୍ରଧାନ, ହୃଷୀକେଶ ଭୋଇ, ସୁନିଲ କୁମାର ମେହେର ଏହି ରଙ୍ଗ ମଞ୍ଚରେ ଅଭିନୟ କରି ସାରିଛନ୍ତି। ଚଳିତ ବର୍ଷ ଧନୁଯାତ୍ରା ମହୋତ୍ସବରେ ବଲାଙ୍ଗୀର ଜିଲ୍ଲା ଲୁଇସିଂହାର ରବିନ୍ଦ୍ର ସାହୁ ତୃତୀୟ ଥର ପାଇଁ ପୁନଃ ମନୋନୀତ ହୋଇଛନ୍ତି। ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସାଧାରଣରେ ସଂପାଦକ ପ୍ରେମାନନ୍ଦ ସାହୁ କହିଛନ୍ତି। କଂସ ବରଣ ସମୟରେ ସାଧାରଣ ସମ୍ପାଦକ ସମେତ ଭଗବାନ କରାଲୀ, ରବିନ୍ଦ୍ର ସିଂ, ତେଜରାଜ ବହିଦାର, ମହେନ୍ଦ୍ର କଣ୍ଟା, ଚିତ୍ତରଞ୍ଜନ ପଣ୍ଡା, ସରୋଜ ସାହୁ, ଭଗବାନ ଭୋଇ ଉପସ୍ଥିତ ଥିଲେ।

# ପୁଣ୍ୟ ପୀଠ : ପାପକ୍ଷୟ ଘାଟ



## ଡକ୍ଟର ପ୍ରମୋଦ କୁମାର ପଣ୍ଡା

ଓଡ଼ିଶାକୁ ଅନେକ ରାଜା ଶାସନ କରିଥିଲେ । କିନ୍ତୁ ସୋମବଂଶୀ ଶାସନକାଳ ଥିଲା ଓଡିଶା ପାଇଁ ସୁବର୍ଣ୍ଣ ଯୁଗ । ତତ୍କାଳୀନ ପଶ୍ଚିମ ଓଡିଶା ଦକ୍ଷିଣ କୋଶଳ ଭାବେ ପରିଚିତ ଥିଲା । ବିନୀତପୁର ଥିଲା ଏହାର ରାଜଧାନୀ ଯାହା ବର୍ତ୍ତମାନ ବିନିକା ନାମରେ ନାମିତ । ୧୯୯୩ ମସିହା ଜାନୁଆରୀ ପହିଲାରେ ଗଠିତ ସଂସ୍କୃତି ସମ୍ପନ୍ନ ସୁବର୍ଣ୍ଣପୁର ଜିଲ୍ଲାର ଛଅ ପଞ୍ଚାୟତ ସମିତି ମଧ୍ୟରୁ ଏହା ଅନ୍ୟତମ । ଓଡ଼ିଶାରେ ସୋମବଂଶୀ ଶାସନ ଅନ୍ତେ ଆରମ୍ଭ ହୁଏ ଗଙ୍ଗ ରାଜାଙ୍କ ରାଜତ୍ୱ । ଗଙ୍ଗବଂଶୀୟ ରାଜା ଅନଙ୍ଗ ଭୀମଦେବ ତୃତୀୟ ୧୨୧୧ ରୁ ୧୨୩୮ ପର୍ଯ୍ୟନ୍ତ ଓଡ଼ିଶା ଶାସନ କରିଥିଲେ । ସେ ସମୟରେ ଦକ୍ଷିଣ କୋଶଳର ସୁବର୍ଣ୍ଣପୁର - ସମ୍ବଲପୁର ଅଞ୍ଚଳ କଳାଚୁରୀଙ୍କ ଶାସନାଧୀନ ଥିଲା । ରାଜା ଅନଙ୍ଗ ଭୀମଦେବଙ୍କ ଅନ୍ୟ ରାଜ୍ୟ ଅକ୍ତିଆର କରିବା ମୋହ ପ୍ରବଳ । ନିଜର ଆକାଂକ୍ଷା ପୂର୍ତ୍ତି ଓ ପତିଆରା ବୃଦ୍ଧି ପାଇଁ ଦିଗବିଜୟରେ ବାହାରିଲେ । କଳାଚୁରୀ ଶାସକଙ୍କୁ ପରାସ୍ତ କରି ତାଙ୍କ ଶାସିତ ଅଞ୍ଚଳକୁ ନିଜ ରାଜ୍ୟରେ ବିଲୀନ କରିଥିଲେ । ଯୁଦ୍ଧରେ କ୍ଷୟକ୍ଷତି, ବିନାଶ, ମୃତ୍ୟୁ ସ୍ୱାଭାବିକ । ଏହା ଯେକୌଣସି ଯୁଦ୍ଧର ଅଂଶବିଶେଷ । କିନ୍ତୁ ଏହି ଯୁଦ୍ଧ ଥିଲା ଭିନ୍ନ ପ୍ରକାରର । ସୈନ୍ୟସାମନ୍ତଙ୍କ ସମେତ ଅନେକ ଅଂଖ୍ୟ ନୈଷ୍ଠିକ ବାଗ୍ମୀ ବ୍ରାହ୍ମଣଙ୍କ ମୃତ୍ୟୁ ଘଟିଥିଲା । ଅନେକେ ଆହତ ହୋଇଥିଲେ । ତାଙ୍କ ପରିବାର ଉଚ୍ଛନ୍ନ ହୋଇଥିଲା । ନିଜ କୁଳ କୁଟୁମ୍ବଙ୍କ ଦୁସ୍ଥିତିରେ ମ୍ରିୟମାଣ ବ୍ରାହ୍ମଣ ରାଜାଙ୍କୁ ଶାପ ଦେଲେ ।

ସେମାନଙ୍କ ଅଭିଶାପରେ ରାଜା ଅନଙ୍ଗ ଭୀମଦେବ ଗଳିତ ରୋଗାଗ୍ରସ୍ତ ହେଲେ । ବିଭିନ୍ନ ଉପଚାର ସତ୍ତ୍ୱେ ଠିକ ହୋଇ ନ ଥିଲା । ବିଷାଦଗ୍ରସ୍ତ ରାଜା ବିଭିନ୍ନ ମନ୍ଦିର ଦର୍ଶନ କଲେ । ବ୍ରାହ୍ମଣମାନଙ୍କ ପରାମର୍ଶ ଲୋଡ଼ିଲେ । ପରନ୍ତୁ ଫଳ ଶୂନ । ମାନସିକ ଚିନ୍ତା ସହ ରାଜାଙ୍କ ଦୈହିକ ଦୁର୍ବଳତା ବୃଦ୍ଧି ପାଇବାରେ ଲାଗିଲା । ଅନନ୍ୟୋପାୟ ରାଜା ଶିବଙ୍କ ଶରଣ ଗଲେ ।

ରାଜାଙ୍କୁ ସ୍ୱପ୍ନାଦେଶ ହେଲା । ସ୍ୱପ୍ନାଦେଶ ଅନୁସାରେ ପାରିଷଦ ସମେତ ବିଳାସପୂର୍ଣ୍ଣ ରାଜଉଆସ ଛାଡି ମହାନଦୀ କୂଳେକୂଳେ ଚାଲିଚାଲି ଦକ୍ଷିଣ ଦିଗକୁ ଯାତ୍ରାକଲେ । ପ୍ରତି ଯୋଜନରେ ଶୈବପୀଠ ନିର୍ମାଣ କରାଇଲେ । ଯାତ୍ରା କରୁକରୁ ଦିନେ ମହାନଦୀର ଏକ ଘାଟରେ ପ୍ରାତଃ ସ୍ନାନ ପରେ ଦେଖିଲେ ଯେ ସେ ସମ୍ପୂର୍ଣ୍ଣ ବ୍ୟାଧିମୁକ୍ତ, ସୁସ୍ଥ । ମନେମନେ ମହାଦେବଙ୍କୁ ସ୍ମରଣ କଲେ । ସ୍ତୁତି କଲେ , ତାଙ୍କ କୃପା ବଳରେ ସୁସ୍ଥ ହୋଇଥିବାରୁ ପ୍ରଣତି ଜଣେଇଲେ । ଆଶୀର୍ବାଦ ଭିକ୍ଷା କଲେ । ପୂର୍ବ ପାପ କ୍ଷୟ ହେତୁ ସେହି ଘାଟର ନାମ ପାପକ୍ଷୟ ଘାଟ ପଡିଲା । ଉକ୍ତ ସ୍ଥାନଟି ସେକାଳର ବିନୀତପୁର ଓ ଆଜିର ବିନିକାରୁ ଦୁଇ କିଲୋମିଟର ଦକ୍ଷିଣକୁ ଅବସ୍ଥିତ । ପାପ ବ୍ୟାଧି ମୁକ୍ତ ରାଜା ଅନଙ୍ଗ ଭୀମଦେବ ନିକଟସ୍ଥ ଏକ ବସ୍ତିରେ ରାତି କାଟିଲେ । ରହିଲେ, ତେଣୁ ସେ ଗ୍ରାମର ନାମ ରହିଲା ହେଲା । ନଦୀକୂଳ ନିକଟରେ ଏକ ଶିବ ମନ୍ଦିର ନିର୍ମାଣର ଯୋଜନା କଲେ । କିନ୍ତୁ ରାଜାଙ୍କୁ ପୁଣି ସ୍ୱପ୍ନାଦେଶ ହେଲା । ମହାନଦୀ ଆରପଟୁ ଏକ କଳା ଗାଈ ଆସିବ । ରାଜା ତାରି ପଛେ ପଛେ ଯିବେ, ଯେଉଁଠି ସେ ଶିବ ଲିଙ୍ଗ ଉପରେ କ୍ଷୀର ଦେବ ରାଜା ସେଠି ମନ୍ଦିର ନିର୍ମାଣ କରେଇବେ । ସତକୁସତ ତା ପରଦିନ ସକାଳେ ନଦୀ ସେପଟୁ ଏକ କଳା ଗାଈ ଆସିଲା । ମନ୍ତ୍ରୀ ପାରିଷଦଙ୍କ ସହ ରାଜା ତାର ଅନୁଗମନ କଲେ । ପ୍ରାୟ ପାଞ୍ଚ କିଲୋମିଟର ଦୂରବର୍ତ୍ତୀ ଚରଦା ଗ୍ରାମର ଏକ ଉଚ୍ଚ ପାହାଡିଆ ସ୍ଥାନରେ ଉକ୍ତ ଗାଈ ଲିଙ୍ଗ ଉପରେ କ୍ଷୀର ଦେଇ ପ୍ରତ୍ୟାବର୍ତ୍ତନ କଲା । ଏଭଳି ଅଭୁତ ଅକଳ୍ପନୀୟ ଦୈବୀ ଦୃଶ୍ୟ ତାଙ୍କୁ ଅତ୍ୟନ୍ତ ଅଭିଭୂତ କଲା । ସେହି ସ୍ଥାନରେ ଅନଙ୍ଗ ଭୀମଦେବ ଏକ ସୁନ୍ଦର ଶୈବପୀଠ ନିର୍ମାଣ କରାଇଲେ । ବାବା କପିଳେଶ୍ୱର ସେଠି ପୂଜା ପାଇଲେ । କୁହାଯାଏ ରାଜା ଚରଦା ନିକଟବର୍ତ୍ତୀ ଦୁଇଗୋଟି ଗ୍ରାମ କପିଳେଶ୍ୱରଙ୍କ ପୂଜା ଅର୍ଚ୍ଚନା ପାଇଁ ବସାଇଥିଲେ । ବାବାଙ୍କ ପାଇଁ ଯେଉଁ ଗ୍ରାମରୁ ନିତ୍ୟ ପୂଜା ପାଇଁ ଫୁଲ ଯାଉଥିଲା ସେ ଗ୍ରାମର ନାମ ଫୁଲମୁଠି ପଡିଲା । ଶଙ୍ଖ ବାଦ୍ୟ ବାବାଙ୍କ ଅତି ପ୍ରିୟ । ପ୍ରତିଦିନ ପୂଜା ବେଳେ ଶଙ୍ଖ ଫୁଙ୍କିବା ସେବାରେ ନିୟୋଜିତ ଗ୍ରାମର ନାମ ଶଙ୍ଖରା ସେ ପରମ୍ପରା ଏବେ ନାହିଁ । ପାପକ୍ଷୟ ଘାଟ ସ୍ଥିତ ପୁରୁଣା ବରଗଛ ମୂଳେ ମଧ ଏକ ଛୋଟ ମନ୍ଦିର ନିର୍ମାଣ କରାଇଲେ । ଯେଉଁଦିନ ରାଜା ବ୍ୟାଧି ମୁକ୍ତ ହେଲେ ସେଦିନ ଚନ୍ଦ୍ର ଗ୍ରହଣ ଥିଲା ।

ପୂଣ୍ୟ ପୀଠ ପାପ କ୍ଷୟ ଘାଟ ପରିସରରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ହନୁମାନ ମନ୍ଦିର ଓ ବିରାଟ ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଛି । ପ୍ରତ୍ୟହ ପୂଜାପାଠ ଓ ବର୍ଷତମାମ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଆୟୋଜିତ ହେଉଛି । ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟ ପରାଗରେ ମେଳା ଲାଗେ । ରାଜ୍ୟ ତଥା ରାଜ୍ୟ ବାହାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ । ମହାନଦୀ ଜଳରେ ଭକ୍ତ ବୁଡ଼ ପକାନ୍ତି । ଦେବ ଦର୍ଶନ କରନ୍ତି । ବୁଢ଼ା ବରଗଛ କୋରଡର ଗୋଟିଏ ପାର୍ଶ୍ୱରେ ପଶି ଅନ୍ୟ ପାର୍ଶ୍ୱରେ ବାହାରନ୍ତି । ପାପକ୍ଷୟ ଘାଟରେ ସ୍ନାନ କଲେ ମଣିଷର ପାପ ଧୌତ ହୁଏ ବୋଲି ଲୋକଙ୍କ ଆସ୍ଥା ରହିଛି । ପୃଥୁଳକାୟ ବ୍ୟକ୍ତିଙ୍କ ମଧ ଗଛ ଗଳିରେ ଗଳିବାକୁ କୌଣସି ଅସୁବିଧା ହୋଇ ନ ଥାଏ । ଏହାକୁ ଲୋକେ ଈଶ୍ୱରଙ୍କ ଆଶୀର୍ବାଦ ମନେ କରନ୍ତି ।

ଚିରସ୍ରୋତା ଚିତ୍ରୋତ୍ପଳା ନଦୀକୂଳ ଶୋଭିତ ପୂଣ୍ୟ ପୀଠ ପବିତ୍ର ପାପକ୍ଷୟ ଘାଟ ସୋନପୁର ସଦର ମହକୁମାରୁ ଅଠେଇଶ କିଲୋମିଟର ଉତ୍ତରକୁ ଅବସ୍ଥିତ । ଆମ ରାଜ୍ୟର ଅନେକ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ଲୋକଙ୍କ ଧାରଣା ନାହିଁ । ତନ୍ମଧ୍ୟରୁ ପୂଣ୍ୟଭୂମି ପାପକ୍ଷୟ ଘାଟ ଅନ୍ୟତମ । ଏଦିଗରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ସଦୟ ଦୃଷ୍ଟି ପଡିଲେ ପୁରାତନ ଐତିହ୍ୟ ଅଧିକ ଜନପ୍ରିୟ ହୋଇ ପାରନ୍ତା । ଅଳ୍ପ ଦିନ ତଳେ ସୁବର୍ଣ୍ଣପୁର ଜିଲ୍ଲାପାଳ ପାପକ୍ଷୟ ଘାଟ ପରିଦର୍ଶନରେ ଆସି ନବନିର୍ମିତ ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର ଆଦି ଦର୍ଶନ କରିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତରଫରୁ ଏହି ପୂଣ୍ୟ ଭୂମିର ବିକାଶ ହେବା ଆଶା କରାଯାଏ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର

## ବହୁ ଉପକାରୀ ଅଦା

ଅଦା ଅନେକ ଔଷଧୀୟ ଗୁଣରେ ଭରପୂର । ପ୍ରତିଦିନ ସକାଳେ ଖଣ୍ଡେ ଅଦା ଚୋବାଇବା ସହିତ ଗ୍ଲାସେ ଉଷୁମ ପାଣି ପିଇଲେ ଅନେକ ଫାଇଦା ମିଳିଥାଏ । ଏହା ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ସହିତ କୋଲେଷ୍ଟ୍ରଲ ସ୍ତର ନିୟନ୍ତ୍ରିତ କରେ । ଫଳରେ ହାର୍ଟଆଟାକ୍‌ରୁ ମୁକ୍ତି ମିଳିଥାଏ । ଏହା ନିଦ୍ରାହୀନତାରୁ ମୁକ୍ତି ଦେବା ସହିତ ଶାରୀରିକ ଦୁର୍ବଳତାକୁ ମଧ ଦୂର କରେ । ପ୍ରତିଦିନ ଅଭ୍ୟାସ କରି ଏପରି କଲେ ମାଂସପେଶୀ ଯନ୍ତ୍ରଣା ଦୂର ହୋଇଥାଏ । ଆଣ୍ଠୁଗଣ୍ଠି ବାତରେ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି ।

## ଅଦୃଶ୍ୟ ବନ୍ଧନ

କେହି ଚାହାନ୍ତି ନାହିଁ ବନ୍ଧନ । ସମସ୍ତେ ଚାହାନ୍ତି ମୁକ୍ତ ଜୀବନ ବଞ୍ଚିବା ପାଇଁ । କିନ୍ତୁ ଦେଖିବାକୁ ଗଲେ ଜଡ଼ ହେଉ କି ଜୀବ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତେ ସବୁବେଳେ ନିବନ୍ଧନରେ ଥାଆନ୍ତି । ଜୀବ କ୍ଷେତ୍ରରେ ଏହି ବନ୍ଧନ ମାତୃଗର୍ଭରୁ ଆରମ୍ଭ ହୋଇଥାଏ । ମାତୃଗର୍ଭରେ ସେ କେବଳ ଗର୍ଭର ବନ୍ଧନରେ ଥିବାବେଳେ ଭୂମିଷ୍ଠ ହେବା ପରେ ଅନେକ ବନ୍ଧନରେ ବାନ୍ଧି ହୋଇଯାଏ । ଯେମିତି ମାତାପିତା, ଜେଜେବାପା, ଜେଜେମା’, ଭ୍ରାତା ଓ ଭଗିନୀଙ୍କର ସ୍ନେହର ବନ୍ଧନ, ପ୍ରକୃତିର ଜଳ, ବାୟୁ ଆଦି ଗ୍ରହଣ କରିବାକୁ ବାଧ ହେଉଥିବାରୁ ପ୍ରକୃତିର ବନ୍ଧନ, କ୍ଷୁଧା ନିବାରଣ ନିମିତ୍ତ ମାତୃସ୍ତନ୍ୟର ବନ୍ଧନ ଏମିତି କେତେ ବନ୍ଧନରେ ତାକୁ ଛନ୍ଦିହେବାକୁ ହୁଏ । ଏସବୁ ବନ୍ଧନ ଆଖିକୁ ଦେଖାଯାଇ ନ ଥାଏ, କିନ୍ତୁ ଆଖିରେ ଦେଖି ହେଉଥିବା ବନ୍ଧନ ଠାରୁ ଏଗୁଡ଼ିକ ହଜାରଗୁଣ ଶକ୍ତ ବୋଲି ଅନୁଭବ କରୁ । ଶିଶୁଟିକୁ ଦେଖିଲେ ଆମର ମନେହୁଏ, ତାର କିଛି ଚିନ୍ତା ନାହିଁ, କିଛି ବନ୍ଧନ ନାହିଁ । ସମୟ ପୂର୍ବରୁ ତା’ର ସମସ୍ତ ଆବଶ୍ୟକତା ପୂରଣ କରିଦିଆଯାଏ । ତା’ର ସମସ୍ତ କାର୍ଯ୍ୟ ଅନ୍ୟମାନେ ସ୍ନେହପୂର୍ବକ କରିଦିଅନ୍ତି । ନିର୍ବିଘ୍ନ ଏବଂ ସ୍ନେହପୂର୍ଣ୍ଣ ସେବା ତାକୁ ଅନାୟାସରେ ପ୍ରାପ୍ତହୁଏ । ତେଣୁ ସେ ବନ୍ଧନମୁକ୍ତ । କିନ୍ତୁ ବାସ୍ତବରେ ସେହି ଶିଶୁଟି ଜନ୍ମନେବା ପରଠାରୁ ଅନେକ ବନ୍ଧନରେ ଆବଦ୍ଧ ହୋଇସାରିଛି । ପ୍ରସିଦ୍ଧ ଦାର୍ଶନିକ ରୁଷୋ କହିଥିଲେ– ପ୍ରକୃତିଗତ ଦୃଷ୍ଟିରୁ ମଣିଷ ମୁକ୍ତାଭାବେ ଜନ୍ମନିଏ ସିନା, ପରିବାର ତଥା ସମାଜ ଦୃଷ୍ଟିରୁ ସେ ବିଭିନ୍ନ ପ୍ରକାର ବନ୍ଧନରେ ଆବଦ୍ଧ । ସବୁଠାରୁ ବଡ଼ ବନ୍ଧନ, ଯାହା ଆମ ଶାସ୍ତ୍ରଗୁଡ଼ିକରେ ବ୍ୟାଖ୍ୟା କରାଯାଇଛି, ତାହା ହେଉଛି ମାୟାର ବନ୍ଧନ । ପ୍ରତ୍ୟେକଟି ଜୀବ ଏହି ମାୟା ବନ୍ଧନକୁ କାଟି ପରମଙ୍କ ସହିତ ଏକାକାର ହୋଇଯିବାକୁ, ମୋକ୍ଷପ୍ରାପ୍ତ କରିବାକୁ ଚାହେଁ ।

ଶିଶୁଟିଏ ଭୂମିଷ୍ଠ ହେବା ମାତ୍ରେ ପରିବାର ତଥା ସମଗ୍ର ସମାଜ ତା’ଠାରୁ ଅନେକ କିଛି ଆଶା କରିବସନ୍ତି । ସେହି ସମୟଠାରୁ ତା’ ଉପରେ ପରିବାର ତଥା ସମାଜର ଅନେକ ଦାୟିତ୍ୱ ଅଜାଡ଼ି ମୁଁ – ହୋଇପଡ଼େ । ପରିବାରର ସଦସ୍ୟମାନେ ଆଶା ରଖନ୍ତି ଶିଶୁଟି ବଡ଼ ହୋଇ ସେହି ପରିବାରର ଭବିଷ୍ୟତକୁ ଉଜ୍ଜଳ କରିବ । ପରିବାର ପାଇଁ ସାମାଜିକ ପ୍ରତିଷ୍ଠା ଆଣିଦେବ । ବଂଶକୁ ଆଗକୁ ନେବ । ସମାଜ ଆଶା ରଖେ ଏଇ ଶିଶୁଟି ହୁଏତ ଭବିଷ୍ୟତରେ ବଡ଼ ମଣିଷଟିଏ ହୋଇ ସମସ୍ତଙ୍କୁ ଦିଗ୍‌ଦର୍ଶନ ଦେବ । ତା’ର ପରିବାର, ଗ୍ରାମ ଦେଶର ସୁନାମ ବଢ଼ାଇବ । ନବଜାତ ଶିଶୁଟିଠାରୁ ଏସବୁ ଆଶା ରଖିବା ପରିବାର କି ସମାଜ ପକ୍ଷରେ କିଛି ଅସ୍ୱାଭାବିକ, ଅସମୀଚୀନ କିମ୍ବା ଅନୀତିପୂର୍ଣ୍ଣ ନୁହେଁ ।

ଗୋଟିଏ ଦୃଷ୍ଟିରୁ ଦେଖିଲେ ବନ୍ଧନ ବିନା ଆମେ ସୁଖକର ଜୀବନଟିଏ ବଞ୍ଚିପାରୁନା ଏବଂ ସେଥିପାଇଁ ଆମେ ବନ୍ଧନରେ ରହିବାପାଇଁ ଆତୁର ହୋଇପଡ଼ୁ । ଜୀବନ ଆରମ୍ଭରୁ ଆମେ ବନ୍ଧନରେ ରହିବାରେ ଅଭ୍ୟସ୍ତ ହୋଇଯାଉ । କେବଳ ମଣିଷ ନୁହେଁ, ସକାଳେ ପଘାରୁ ମୁକ୍ତ ହୋଇ ଚରିବାକୁ ଯାଉଥିବା ଗାଈଟି ଦିବାଶେଷରେ ଅବା ପେଟ ପୂରିଗଲେ ନିଜ ଗୁହାଳକୁ ଫେରିଆସେ ପୁଣି ପଘାରେ ବାନ୍ଧି ହେବା ପାଇଁ । ସେମିତି ମଣିଷ ମଧ ନିଜ ପାଇଁ ବନ୍ଧନଟିଏ ତିଆରି କରେ ନିଜ ଚାରିପଟେ । ଘରଟିଏ ତିଆରି କରି ତା’ ଦେହରେ କବାଟ ଝରକା ଇତ୍ୟାଦି ଲଗାଇ ତାକୁ ନିବୁଜ କରେ ଏବଂ ତା’ ଭିତରେ ବନ୍ଧନରେ ରହି ସମୟ କାଟେ । ପାରିବାରିକ, ସାମାଜିକ ବନ୍ଧନରେ ନିଜକୁ ନିଜେ ବନ୍ଦୀ ରଖିସେ ଆନନ୍ଦ ପାଏ । ବିଭିନ୍ନ ଲୋକଙ୍କ ଦାୟିତ୍ୱ ବୁଝି, ସେବା କର୍ତ୍ତବ୍ୟର ବନ୍ଧନରେ ବାନ୍ଧି ହୋଇ ଆନନ୍ଦ ପାଏ । ତାକୁ ପ୍ରକୃତ ଜୀବନ ବୋଲି ମାନିନିଏ । ସେହି ବନ୍ଧନ ଭିତରେ ଭଗବାନଙ୍କ ସହିତ ସାକ୍ଷାତ ହୁଏ ବୋଲି ସେ ମନେକରେ ।

ଶାସ୍ତ୍ରାନୁସାରେ ଜୀବ ଏହି ପୃଥିବୀ ପୃଷ୍ଠରେ ବାରମ୍ବାର ଜନ୍ମଲାଭ କରେ । ନିଜର ସୁକର୍ମ ପ୍ରଭାବରେ ସେ କ୍ରମେ ସେହି ବନ୍ଧନରୁ ମୁକ୍ତ ପ୍ରାପ୍ତ ହୋଇ ଈଶ୍ୱରଙ୍କ ସହିତ ମିଳିତ ହୁଏ । ତା’ପରେ ତା’ର ଆଉ ପୁନର୍ଜନ୍ମ ହୁଏନାହିଁ । କଥାଟି କିନ୍ତୁ ଏତେ ସହଜସାଧ ହୋଇ ନଥାଏ । ସେଥିପାଇଁ ଅନେକ ସାଧନା ଓ ତ୍ୟାଗ କରିବାକୁ ପଡ଼େ । କିଛି ଲୋକ ତ ସାଂସାରିକ ବନ୍ଧନରୁ ମୁକ୍ତ ହୋଇ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପାଇଁ ଜୀବନସାରା ସାଧନାରେ ବ୍ୟସ୍ତ ରହିଥା’ନ୍ତି । ସେମାନେ ମୃତ୍ୟୁପରେ ମୋକ୍ଷ ପ୍ରାପ୍ତ ହୁଅନ୍ତି କି ନାହିଁ, ପୁନର୍ଜନ୍ମ ପାଆନ୍ତି କି ନାହିଁ, ତାହା କାହାକୁ ଜଣା ନ ଥାଏ । ତେବେ ବଞ୍ଚିବା ଅବସ୍ଥାରେ ବନ୍ଧନ ଯେ ଆମର ଚିର ସହଚର ତାହା ଅନସ୍ୱୀକାର୍ଯ୍ୟ । ଜୀବନସାରା ବନ୍ଧନ ଆମର କାମ୍ୟ ହୋଇଥାଏ ଯେମିତି । ବନ୍ଧନ ବିନା ଘଡ଼ିଏ ଜୀବନ ବଞ୍ଚିବା ଆମ ପକ୍ଷରେ ସମ୍ଭବ ହୁଏନାହିଁ । କେହି ଆମକୁ ବାନ୍ଧିବା ଆଗରୁ ଆମେ ନିଜେ ନିଜକୁ ବନ୍ଧନରେ ଆବଦ୍ଧ କରିବା ଲାଗି ବ୍ୟସ୍ତ, ବିବ୍ରତ ହୋଇପଡ଼େ । ଶୈଶବରେ ମାତାପିତାଙ୍କର ସ୍ନେହର ବନ୍ଧନ ଆମର ମନକୁ ତୃପ୍ତି କରେ, କୈଶୋରରେ ସାଙ୍ଗସାଥୀଙ୍କର ପ୍ରେମର ବନ୍ଧନ ଆମକୁ ମୁଗ୍ଧ କରି ରଖେ । ଯୌବନରେ ପ୍ରିୟାର ପ୍ରଣୟ ଆମକୁ ମଦମତ୍ତ କରେ ଏବଂ ଶେଷରେ ପରିଣତ ବୟସରେ ଅସମର୍ଥ ଶରୀରକୁ ନେଇ ବଞ୍ଚିବା ଅପେକ୍ଷା ମୃତ୍ୟୁର ସୁଶୀତଳ ବନ୍ଧନ ଆମକୁ ସ୍ପର୍ଶକରୁ ବୋଲି ଆମେ ସତୃଷ୍ଣ ନୟନରେ ତା’ର ଅପେକ୍ଷାରେ ରହୁ । ବେଳେବେଳେ ଏମିତି ମନେହୁଏ ଜୀବନର ଅନ୍ୟ ନାମ ହି ବନ୍ଧନ ।

## ଆଜିର ଚିନ୍ତନ

ଯେଉଁମାନେ ଭଗବାନଙ୍କର ଭକ୍ତ ଅର୍ଥାତ ଯେଉଁମାନେ କୃଷ୍ଣଚେତନଶୀଳ ସେମାନଙ୍କୁ ସନ୍ଥ କୁହାଯାଏ । ସେମାନେ ସର୍ବଦା କୃଷ୍ଣଙ୍କ ସହ (ବା ଭଗବାନଙ୍କ ସହ) ସ୍ନେହପୂର୍ଣ୍ଣ ସମ୍ବନ୍ଧରେ ସମ୍ବନ୍ଧିତ ହୋଇ ରହିଥାନ୍ତି । ବ୍ରହ୍ମସଂହିତାରେ ଏହା କୁହାଯାଇଛି ଯେ, ପ୍ରେମାଞ୍ଜନ ଚ୍ଛୁରିତ-ଭକ୍ତି ବିଲୋଚନେନ ସନ୍ତ ସଦୈବ ହୃଦୟେଷୁ ବିଲୋକୟନ୍ତି । ଯେଉଁମାନେ ସନ୍ଥ ସେମାନେ ସଦା ସର୍ବଦା ପରମପୁରୁଷ ଭଗବାନଙ୍କ ସହ ସ୍ନେହପୂର୍ଣ୍ଣ ସମ୍ବନ୍ଧରେ ଯୁକ୍ତ ହୋଇ ରହିବାକୁ ଚେଷ୍ଟା କରିଥାନ୍ତି । ସେ ପରମପୁରୁଷ ଭଗବାନ ହେଉଛନ୍ତି ଗୋବିନ୍ଦ (ଅର୍ଥାତ ସମସ୍ତ ଆନ୍ଦ ବା ସୁଖଦାତା । ସେ ହେଉଛନ୍ତି ମୁକୁନ୍ଦ (ଅର୍ଥାତ ମୁକ୍ତିଦାତା) ସେ ହେଉଛନ୍ତି କୃଷ୍ଣ (ସର୍ବାକର୍ଷଣୀୟ ପରମ ପୁରୁଷ) । ସନ୍ଥମାନେ ପରମପୁରୁଷ ଭଗବାନଙ୍କୁ ପ୍ରଥମେ କୌଣସି ବି ଜିନିଷର ବ୍ୟବହାର ପୂର୍ବରୁ କି କିଛି ବି ଖାଇବା ପୂର୍ବରୁ ଭଗବାନଙ୍କୁ ଅର୍ପଣ କରିଥାନ୍ତି । ତେଣୁ ଏ ଭକ୍ତଗଣ ସର୍ବଦା ଶ୍ରବଣ, କୀର୍ତ୍ତନ, ସ୍ମରଣ ଓ ଅର୍ଚ୍ଚନ ଆଦି ବିଭିନ୍ନ ପ୍ରକାର ଭଗବତ ସେବାରେ ରତ ଥାନ୍ତି । ଏହା ହେଉଛି ଯଜ୍ଞ କର୍ମ । ଭକ୍ତ ତାର ରୁଚି ଅନୁଯାୟୀ ଶ୍ରବଣ, କୀର୍ତ୍ତନ ଓ ଅର୍ଚ୍ଚନ ଆଦି ଯଜ୍ଞ କର୍ମରେ ନିଯୁକ୍ତ ହୁଏ । ଏ ଯଜ୍ଞ କର୍ମରେ ନିଯୁକ୍ତ ହେବାଦ୍ୱାରା ସେମାନେ ଏ ଭୌତିକ ଜଗତରେ ପାପପୂର୍ଣ୍ଣ ଦୂଷିତ ବାତାବରଣରୁ ଦୂରେଇ ରହନ୍ତି । ଅନ୍ୟମାନେ ଅର୍ଥାତ ଯେଉଁମାନେ ଇନ୍ଦ୍ରିୟତୃପ୍ତି ନିମିତ୍ତ ଖାଦ୍ୟ ପ୍ରସ୍ତୁତ କରନ୍ତି, ସେମାନେ କେବଳ ଯେ ଚୋର ତାହାନୁହେଁ ସେମାନେ ମଧ ସମସ୍ତ ପ୍ରକାର ପାପ ଭୋଜନକାରୀ । ଯଦି ବ୍ୟକ୍ତି ଚୋର ହୁଏ ଏବଂ ପାପୀ ହୁଏ ତାହାହେଲେ ସେ କିପରି ସୁଖୀ ହୋଇପାରିବ ? ଏହା ସମ୍ଭବପର ନୁହେଁ । ତେଣୁ ଲୋକମାନେ ସବୁ ଦିଗରୁ ସୁଖୀ ହେବା ନିମିତ୍ତ ପୂର୍ଣ୍ଣ କୃଷ୍ଣଚେତନାରେ କିପରି ସହଜ ସୁଗମ ସଂକୀର୍ତ୍ତନ ଯଜ୍ଞ କରିପାରିବେ, ତାହା ଶିକ୍ଷା କରିବା ଉଚିତ । ତାହା ନହେଲେ ଏ ପୃଥିବୀରେ ଶାନ୍ତି ବା ସୁଖ ପ୍ରତିଷ୍ଠିତ ହୋଇପାରିବ ନାହିଁ ।

ସ୍ତ୍ରୀଶକ୍ତି
ବର୍ଷ ୨୯, ସଂଖ୍ୟା - ୫୦, ୧୪ - ୨୦ ଡିସେମ୍ବର ୨୦୨୫

# ବିଧାନସଭାରେ କାର୍ଯ୍ୟ ଦିବସ କମୁଛି

ବିଧାନସଭାର ନିୟମ କହୁଛି ବର୍ଷକୁ ୬୦ ଦିନ ଗୃହ ଚାଲିବା ୨୦୧୪ ମସିହାରେ ବିଧାନସଭାର କାର୍ଯ୍ୟବିଧି ଆଇନର ୧୭୭ ଧାରା ସଂଶୋଧନ କରାଯାଇ ଏହି ବ୍ୟବସ୍ତା କରାଯାଇଥିଲା । ତେବେ ଏଥିରେ ଏକ ବ୍ୟବସ୍ଥା ବି ଯୋଡ଼ାଯାଇଥିଲା । ଗୃହ ଚାହିଲେ ପ୍ରତି କ୍ୟାଲେଣ୍ଡର ବର୍ଷରେ ଧାର୍ଯ୍ୟ ୬୦ ଦିନ କାର୍ଯ୍ୟଦିବସକୁ କମାଇ ପାରିବ । ଗତ କିଛି ବର୍ଷ ହେଲା ଦେଖାଯାଉଛି '୬୦ ଦିନ'ର ନିୟମ ଗୁରୁତ୍ୱ ରଖୁନି । କିନ୍ତୁ ତାହାର ଗଳାବାଟକୁ ବେଶ୍ ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି । ସରକାରୀ କାର୍ଯ୍ୟ ନଥିବା ଦେଖାଯାଇ କାର୍ଯ୍ୟଦିବସକୁ କମାଇ ଦିଆଯାଉଛି । ନିୟମ ହୋଇଥିବା ୨୦୧୪ ବର୍ଷରୁ ହିଁ ଏହି ଅଘୋଷିତ ପରମ୍ପରା ଆରମ୍ଭ ହୋଇଛି । ସରକାର ବଦଳିଥିଲେ ବି ସେହି ଧାରା ବଦଳୁନି । ବିଜେଡି ସରକାରଠାରୁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ଏହି ପରମ୍ପରାକୁ ବର୍ତ୍ତମାନର ବିଜେପି ସରକାର ସଫଳତାର ସହ ଆଗକୁ ନେଉଛନ୍ତି । ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଥିଲେ ମଧ ତାହାର ପ୍ରଭାବ ପଡୁନି । ବିଜେଡି ସରକାର ସମୟରେ ପ୍ରତ୍ୟେକ ବର୍ଷ ବିଧାନସଭାକୁ ଆଗୁଆ ବନ୍ଦ କରିଦିଆ ଯାଉଥିଲା । ସେତେବେଳେ ବିରୋଧୀ ଦଳରେ ଥିବା ବିଜେପି ଏହାକୁ ଜୋର୍‌ଦାର ସମାଲୋଚନା କରୁଥିଲା । ସରକାର ପଳାୟନପନ୍ଥୀ ହୋଇ ଅଧିବେଶନ ଆଗୁଆ ବନ୍ଦ କରିଦେଉଥିବା ଦଳ ଅଭିଯୋଗ କରିଥିଲା । କିନ୍ତୁ ବିଜେପି କ୍ଷମତାକୁ ଆସିଲା ପରେ ବିଧାନସଭା ଅଧିବେଶନ ନିୟମ ଅନୁଯାୟୀ ୬୦ ଦିନ ବସିବ ବୋଲି ସମସ୍ତେ ଅନୁମାନ କରୁଥିଲେ । କିନ୍ତୁ ଦୁଇ ବର୍ଷ ହେଲା ସେପରି କିଛି ଘଟୁ ନାହିଁ । ଗତବର୍ଷ ୧୬ ଦିନ ଆଗରୁ ବିଧାନସଭା ବନ୍ଦ କରିଦିଆଯାଇଥିଲା ବେଳେ ଏ ବର୍ଷ ୧୮ ଦିନ ଆଗରୁ ବନ୍ଦ କରାଗଲା । ସେହି ସମାନ ଆଳ ସରକାରୀ କାର୍ଯ୍ୟ ନ ଥିବାରୁ ଗୃହ ଅଧିକ ଦିନ ଚାଲିବାର ଆବଶ୍ୟକତା ନାହିଁ । ଗତ ବିଧାନସଭା ଅଧିବେଶନ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ବିଧାନସଭା ଇତିହାସରେ ପ୍ରଥମ ଥର ପାଇଁ ଦେଶର ରାଷ୍ଟ୍ରପତି ଗୃହକୁ ସମ୍ବୋଧନ କରିଛନ୍ତି । ନଭେମ୍ବର ୨୭ ତାରିଖରେ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହରେ ମର୍ମସ୍ପର୍ଶୀ ଭାଷଣ ଦେଇଥିଲେ । ଜନପ୍ରତିନିଧିଙ୍କ ଆଚରଣ ଓ ଉଚ୍ଚାରଣ ଠିକ୍ ରହିବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଥିଲେ । ଏହି ଅଧିବେଶନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଗୃହରେ ହଟ୍ଟଗୋଳ ବିଶେଷ ହୋଇନି । କୌଣସି ଗୋଟିଏ ଦିନ ଗୃହକୁ ବିରୋଧୀ ଅଚଳ କରିନାହାନ୍ତି । କାଁଭାଁ କିଛି ପ୍ରସଙ୍ଗ ପାଇଁ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା । କିନ୍ତୁ ଅଧିକ ସମୟ ଅଚଳାବସ୍ଥା ହୋଇ ନଥିଲା । ଗୃହ କାର୍ଯ୍ୟରେ ବିରୋଧୀ ବିଜେଡି ଓ କଂଗ୍ରେସ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ଆଲୋଚନା ଓ ଖର୍ଚ୍ଚଦାବି ଆଲୋଚନା ସୁରୁଖୁରୁରେ ଚାଲିଥିଲା । ତେବେ ବିରୋଧୀଙ୍କର ଗୃହ ଚଳାଇବାରେ ଏବେ ଅଭୂତପୂର୍ବ ସହଯୋଗ ବି କିଛି ମହଲରେ ସମାଲୋଚନାର ଶିକାର ହୋଇଛି । ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ଦଳ ସରକାରଙ୍କ ଦୋଷଦୁର୍ବଳତା କାଢ଼ି ସମାଲୋଚନା କରିଥିଲେ ସତ କିନ୍ତୁ କୌଣସି ବଡ଼ ପ୍ରସଙ୍ଗରେ ସରକାରଙ୍କୁ ଅଡୁଆରେ ପକାଇବା ଦେଖାଯାଇ ନଥିଲା । ସେଥି ପାଇଁ ଗୃହକୁ ସ୍ୱାଭାବିକ ଚଳାଇବାରେ ଶାସକ ଦଳ ସଫଳ ହୋଇଛି ବୋଲି ବହୁ ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି । ଏପରିକି ନୂଆପଡ଼ା ନିର୍ବାଚନର ପରାଜୟ ବିରୋଧୀ ଦଳର ଉତ୍ପାତକୁ ବନ୍ଦ କରିଦେଇଛି ବୋଲି ଶାସକ ଦଳ ସଭ୍ୟଙ୍କ ତାଚ୍ଛଲ୍ୟ ବି ଶୁଣିବାକୁ ମିଳିଥିଲା । ବାଚସ୍ପତି ସୁରମା ପାଢ଼ୀଙ୍କର ଗୃହ ପରିଚାଳନା ବେଶ୍ ଉଲ୍ଲେଖନୀୟ ଥିଲା । ବହୁ ବିଧାୟକଙ୍କୁ ଏଥର ଗୃହରେ କହିବା ପାଇଁ ସୁଯୋଗ ଦେଇଥିଲେ । ଶୂନ୍ୟକାଳରେ ପ୍ରାୟ ପ୍ରତ୍ୟେକ ଦିନ ୨୦ରୁ ଅଧିକ ବିଧାୟକ ବିଭିନ୍ନ ପ୍ରସଙ୍ଗ ଉଠାଇବା ଦେଖାଯାଇଥିଲା । ବରିଷ୍ଠ ବିଧାୟକଙ୍କ ସହ ଯୁବ ବିଧାୟକମାନଙ୍କୁ ବି ସୁଯୋଗ ମିଳିଥିଲା । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୃହରେ ଅନୁପସ୍ଥିତ ରହିବା ଧାରା ଜାରି ରଖିଛନ୍ତି । ପ୍ରଥମ ଦିନ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସେ ଗୃହକୁ ଆସିଥିଲେ । ପୁଣି ବ୍ୟୟ ମଞ୍ଜୁରି ବିଲ୍ ଆଲୋଚନା ଦିନ ଖୁବ୍ କମ୍ ଦିନ ସମୟ ପାଇଁ ଗୃହକୁ ଆସି ଚାଲିଯାଇଥିଲେ । ଗୃହରେ ସେ କୌଣସି ପ୍ରସଙ୍ଗ ଉଠାଇ ନାହାନ୍ତି କି କୌଣସି ବିତର୍କରେ ଭାଗ ନେଇନାହାନ୍ତି । ସାଧାରଣତଃ ବିଧାନସଭା ଅଧିବେଶନ ଚାଲିଥିଲା ବେଳେ ବିରୋଧୀ ଦଳ ନେତା କ'ଣ କହୁଛନ୍ତି, ରାଜ୍ୟବାସୀଙ୍କର ଅପେକ୍ଷା ଥାଏ । କିନ୍ତୁ ନବୀନ ବାରମ୍ବାର ସମସ୍ତଙ୍କୁ ନିରାଶ କରୁଛନ୍ତି । ବିଧାନସଭା ଅଧିବେଶନ ପ୍ରତି ତାଙ୍କର ଅନାଗ୍ରହ ଗଣତନ୍ତ୍ରରେ ଏକ ଭୁଲ୍ ଉଦାହରଣ ସୃଷ୍ଟି କରୁଛି । ଏଥର ଅନେକ ଉଲ୍ଲେଖନୀୟ ଘଟଣା ଭିତରେ କଳା ଅଧ୍ୟାୟ ସୃଷ୍ଟି କଲେ ବିଜେପି ବିଧାୟକ ସନ୍ତୋଷ ଖଟୁଆ । ବିଧାୟକଙ୍କ ଆଚରଣ ଓ ଉଚ୍ଚାରଣ ଠିକ୍ ରହିବା ନେଇ ରାଷ୍ଟ୍ରପତି ଦେଇଥିବା ପରାମର୍ଶର ପ୍ରଭାବ ତାଙ୍କ ଉପରେ ପଡ଼ିଲା ନାହିଁ । ଆଦୌ ପ୍ରାସଙ୍ଗିକତା ନ ଥାଇ ବି ମହାତ୍ମା ଗାନ୍ଧୀଙ୍କୁ ଆଲୋଚନା ଭିତରକୁ ଟାଣି ନକରାତ୍ମକ ମନ୍ତବ୍ୟ ଦେଲେ । ତାଙ୍କର ଏପରି ଆଚରଣ ପାଇଁ ସରକାର ବି ଅପଦସ୍ଥ ହେଲେ ଗୃହର ମୂଲ୍ୟବାନ ସମୟ ବରବାଦ ହେଲା । ଶେଷରେ ସରକାର ବିଧାୟକଙ୍କ ମନ୍ତବ୍ୟକୁ ନିନ୍ଦା କରିବା ଯାଏଁ କଥା ଗଲା । ଯଦିଓ ଶ୍ରୀ ଖଟୁଆଙ୍କ ମନ୍ତବ୍ୟକୁ ଗୃହ ବିବରଣୀରୁ ବାଦ୍ ଦିଆଯାଇଛି, ତେବେ ଗୃହ ବାହାରେ ସେ ନିନ୍ଦିତ ହୋଇଛନ୍ତି । ଅଧିବେଶନର ଶେଷ ଦିନରେ ବିଧାୟକଙ୍କ ଦରମା ବୃଦ୍ଧି ସଂକ୍ରାନ୍ତୀୟ ବିଲ୍ ସର୍ବସମ୍ମତିକ୍ରମେ ପାରିତ ହୋଇଛି । ବହୁ ଦିନ ହେଲା ଏଥି ପାଇଁ ଦାବି ଉଠୁଥିଲା । ତେବେ ଦରମା ପ୍ରସଙ୍ଗରେ ଯେମିତି ସବୁ ଦଳର ବିଧାୟକଙ୍କ ସ୍ୱର ସମାନ ଥିଲା, ସେମିତି ରାଜ୍ୟର କୌଣସି ଗୋଟିଏ ବି ପ୍ରସଙ୍ଗରେ ସହମତି ଆସିଥିଲେ ତାହା ଏକ ଐତିହାସିକ ଉଦାହରଣ ସୃଷ୍ଟି କରିଥା'ନ୍ତା ବୋଲି ସଚେତନ ନାଗରିକମାନେ ମତ ଦେଉଛନ୍ତି ।



# ବୈବାହିକ ସମ୍ବନ୍ଧ

**ମହାତ୍ମା ଗାନ୍ଧୀ**

ପତ୍ନୀ ପତିର ଦାସୀ ନୁହେଁ, ସେ ହେଉଛି ତା'ର ସହଚାରିଣୀ ଓ ସାହାଯ୍ୟକାରିଣୀ, ତା'ର ସକଳ ସୁଖ ଏବଂ ଦୁଃଖରେ ଜଣେ ସମକକ୍ଷା ସଙ୍ଗିନୀ । ଆପଣାର ପତି ପରି ତା'ର ମଧ ଯୁକ୍ତ ଭାରତରେ ଆପଣାର ନିଜ ପଥଟିକୁ ବାଛି ନେବାର ସ୍ୱାଧୀନତା ରହିଛି ।

ମୋ' ମତରେ, ଜୀବନର ଯେ କୌଣସି କ୍ଷେତ୍ର ପରି ବିବାହର କ୍ଷେତ୍ର ମଧ ଏକ ଶୃଙ୍ଖଳାର ହିଁ କ୍ଷେତ୍ର । ଜୀବନ ହେଉଛି କର୍ତ୍ତବ୍ୟ, ଏକ ପରୀକ୍ଷାକ୍ଷେତ୍ର, ଇହ ତଥା ପର ଉଭୟ କାଳରେ ବୈବାହିକ ଜୀବନ ପାରସ୍ପରିକ ଇଷ୍ଟସାଧନର ବୃଦ୍ଧି କରିବା ଲାଗି ଉଦ୍ଦିଷ୍ଟ ହୋଇ ରହିଛି । ମନୁଷ୍ୟ ଜାତିର ସେବା କରିବା ଲାଗି ମଧ ଅଭିପ୍ରେତ ହୋଇ ରହିଛି ।

ଯେତେବେଳେ ଗୋଟିଏ ପକ୍ଷ ଶୃଙ୍ଖଳାର ବିଧାନଟିକୁ ଭାଙ୍ଗିଦେବ, ସେତେବେଳେ ଅନ୍ୟ ପକ୍ଷର ମଧ ସେହିପରି ତାହାକୁ ଭାଙ୍ଗିଦେବାର ଅଧିକାର ରହିଥିବ । ଏହି ଭାଙ୍ଗିଦେବାକୁ ଭୌତିକ ନୁହେଁ, ଏକ ନୈତିକ ଉଲ୍ଲଂଘନ ବୋଲି କୁହାଯିବ । ଏଥିରେ ଛାଡପତ୍ର ଲାଗି କୌଣସି ଅବକାଶ ରହିବ ନାହିଁ । ପତ୍ନୀ ଅଥବା ପତି ଅଲଗା ହୋଇଯିବ ସତ, ମାତ୍ର ଯେଉଁ ଲକ୍ଷ୍ୟଟିର ସାଧନ ସକାଶେ ସେମାନେ ଏକାଠି ହୋଇଛନ୍ତି, ସେହି ଲକ୍ଷ୍ୟଟି ଲାଗି ସେ ଅଲଗା ହୋଇଯିବ ।

ହିନ୍ଦୁ ଧର୍ମ ପ୍ରତ୍ୟେକକୁ ଅନ୍ୟର ସଂପୂର୍ଣ୍ଣ ସମାନ ଭଳି ଦେଖିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପ୍ରକୃତ କ୍ଷେତ୍ରରେ ଏକ ଭିନ୍ନ ପ୍ରକାରର ଆଚରଣ ସମୃଦ୍ଧିଲାଭ କରି ଆସିଛି, ଏହା କେବେଠାରୁ ହୋଇଛି, ସେକଥା କେହି ଜାଣନ୍ତି ନାହିଁ । ମାତ୍ର, ଏହା ଭିତରେ ଆହୁରି ଅନେକ ମନ୍ଦ ଆସି ପଶି ଯାଇଛନ୍ତି । ଅବଶ୍ୟ ମୁଁ ଭଲ କରି ଜାଣିଛି ଯେ, ଯେଉଁ ଆତ୍ମ ଉପଲବ୍ଧିର ଲକ୍ଷ୍ୟ ନେଇ ଜଣେ ପୁରୁଷ ବା ନାରୀ ପୃଥିବୀରେ ଜନ୍ମ ହୋଇଛି ସେଥିଲାଗି ସେ ତା'ର ଇଚ୍ଛା ନୁସାରେ ସବୁକିଛି କରିପାରିବ ବୋଲି ହିନ୍ଦୁଧର୍ମ ପ୍ରତ୍ୟେକ ବ୍ୟକ୍ତିକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିଛି ।

ମୋ' ପାଇଁ ସୀତା ହେଉଛନ୍ତି ପତ୍ନୀର ଆଦର୍ଶ ଓ ରାମ ପତିର ଆଦର୍ଶ । ସୀତା ରାମଙ୍କର ଦାସୀ ନଥିଲେ । ଅଥବା, ଦୁହେଁ ଦୁହିଁଙ୍କର ଦାସ ହୋଇ ରହିଥିଲେ । ରାମ ସର୍ବଦା ସୀତାଙ୍କ ପ୍ରତି ବିଚାରବନ୍ତ ରହିଥିଲେ ।

ତୁମେ ତୁମ ସ୍ତ୍ରୀଙ୍କ ସମ୍ମାନ ଲାଗି ପ୍ରହରୀ ହୋଇ ରହିବ ଓ କଦାପି ତାଙ୍କ ଉପରେ ମାଲିକ ହେବ ନାହିଁ, ତୁମେ ତାଙ୍କର ଯଥାର୍ଥ ବନ୍ଧୁ ହୋଇ ରହିବ । ତାଙ୍କର ଦେହ ତଥା ଆତ୍ମାକୁ ତୁମେ ପବିତ୍ର ଭାବନା ସହିତ ଦେଖିବ ଏବଂ ସିଏ ମଧ ତୁମର ଦେହ ଓ ଆତ୍ମାକୁ ପବିତ୍ର ଭାବନା ସହିତ ଦେଖୁଥିବେ ବୋଲି ମୁଁ ବିଶ୍ୱାସ କରୁଛି । ସେହି ଲକ୍ଷ୍ୟର ସାଧନ ପାଇଁ ତୁମକୁ ପ୍ରାର୍ଥନାରତ ଭାବରେ ଏକ ଶ୍ରମମୟ ଜୀବନ ଯାପନ କରିବାକୁ ପଡିବ, ସରଳତା ଏବଂ ଆତ୍ମ ସଂଯମ ଅବଲମ୍ବନ କରିବାକୁ ହେବ । ତୁମ ଭିତରୁ କେହି କଦାପି ଅପରକୁ ନିଜ କାମନାର ଏକ ବସ୍ତୁ ସଦୃଶ ଦେଖିବ ନାହିଁ ।

ମୁଁ ସ୍ୱୀକାର କରୁଛି ଯେ, ପତି ଓ ପତ୍ନୀଙ୍କ ମଧରେ ପରସ୍ପର ଠାରୁ ଲୁଚାଇ ରଖିବା ଭଳି ଆଦୌ କୌଣସି କୌଣସି କଥା ରହିବ ନାହିଁ । ମୁଁ ଭାବୁଛି ଯେ ପତି ଓ ପତ୍ନୀ ପରସ୍ପର ମଧରେ ଲୀନ ହୋଇଯିବେ । ସେମାନେ ଦୁଇଟି ଦେହରେ ଏକ ହୋଇ ରହିବେ ଅଥବା ଗୋଟିଏ ଆତ୍ମାର ଦୁଇଟି ଦେହ ହୋଇ ରହିଥିବ ।

ଝିଅମାନଙ୍କ ଉପରେ ବିବାହକୁ ଜବରଦସ୍ତି ଆଣି ଲଦିଦେବା ପିତାମାତାଙ୍କ ପକ୍ଷରେ ଏକ ସମ୍ପୂର୍ଣ୍ଣ ଭୁଲ କାମ । ଝିଅମାନଙ୍କୁ ଉପାର୍ଜନ କ୍ଷମ ହେବା କ୍ଷେତ୍ରରେ ଅଯୋଗ୍ୟ କରି ରଖିବା ମଧ ସମାନଭାବରେ ଭୁଲ । ବିବାହ ପାଇଁ ଅସମ୍ମତ ହେଉଛି ବୋଲି ଜଣେ ଝିଅକୁ ରାସ୍ତା ଉପରକୁ ବାହାର କରି ଦେବା ପାଇଁ କୌଣସି ପିତାର ଅଧିକାର ନାହିଁ । ବୈଧାନିକ ବିବାହରେ ମୋ'ର କୌଣସି ବିଶ୍ୱାସ ନାହିଁ ସତ, ମାତ୍ର କେବଳ ଏକ ସଂସ୍କାରକୁ ସମ୍ଭବ କରିବା ପାଇଁ ଗୋଟିଏ ଅତ୍ୟାବଶ୍ୟକ ସଂସ୍କାର ରୂପେ ମୁଁ ବୈଧାନିକ ବିବାହର ଅନୁଷ୍ଠାନଟିକୁ ନିଶ୍ଚୟ ସ୍ୱାଗତ କରିବି ।

# ଅଧ୍ୟାତ୍ମ ଏକ ସାହସିକ ଅଭିଯାନ

ଅଧ୍ୟାତ୍ମ ସ୍ୱଭାବର ନିମ୍ନ ପ୍ରକୃତି ଓ ଉଚ୍ଚ ପ୍ରକୃତି ମଧ ଦେଇ ଯାଇଥିବା ସଂଘର୍ଷ ପଥ, ଯାହା ଉପରେ ଚାଲିବାକୁ ହେଲେ ନିଜର ଦୁର୍ବଳତାଗୁଡିକ ବିରୁଦ୍ଧରେ ଯୁଦ୍ଧ କରିବାକୁ ପଡିଥାଏ ତଥା ପ୍ରତିକ୍ଷଣ ଜାଗ୍ରତ ରହି ସାଧନାରେ ନିମଗ୍ନ ହେବାକୁ ପଡ଼ିଥାଏ । ଏହି ପଥ ଦେଇ ଆମେ ସେହି ପବିତ୍ର ଭୂମିରେ ପହଞ୍ଚିବାକୁ ଚାହିଁଥାଉ, ନିଜର ଅଧିକାର ଚାହିଁଥାଉ, ତାହାର ସ୍ୱାଧୀନତା ଚାହିଁଥାଉ, ଯାହା ଏବେ ଷଡ଼ରିପୁଙ୍କ କବଜରେ ଅଛି ଏବଂ ଏପରି କରି ପାରିବା ସରଳ ନୁହେଁ । ଏହା ଏକ ସାହସ, ଦୁଃସାହସ ଚାହିଁଥାଏ, କାରଣ ଏଠାରେ ଜନ୍ମ ଜନ୍ମାନ୍ତରରୁ ପଡ଼ିଥିବା ଅଭ୍ୟାସଗୁଡିକ, ଚେରମାଡ଼ି ବସିଥିବା ସଂସ୍କାରଗୁଡିକ ବିରୁଦ୍ଧରେ ଲଢ଼ିବାକୁ ପଡ଼ିଥାଏ, ସମାଜର ପ୍ରଚଳିତ ପ୍ରବାହର ବିପରୀତ ଚାଲିବାକୁ ପଡ଼ିଥାଏ । ସନାତନ ଧର୍ମରେ ଏହାର ଚରମ ଅବସ୍ଥାକୁ ମୁକ୍ତି, ମୋକ୍ଷ, କୈବଲ୍ୟ ଆଦି ନାମ ଦିଆଯାଇଛି । ଭଗବାନ ବୁଦ୍ଧ ଏହାକୁ ନିର୍ବାଣର ନାମ ଦେଇଛନ୍ତି ।

ସ୍ୱାମୀ ବିବେକାନନ୍ଦ ଅଧ୍ୟାତ୍ମକୁ ଅନନ୍ତ ଆତ୍ମା ଓ ଅନନ୍ତ ପରମାତ୍ମାଙ୍କ ମଧରେ ସମ୍ବନ୍ଧ ମାନୁଥିଲେ । ଏହା ପରମାତ୍ମାଙ୍କ ସହିତ ନିଜର ସିଧା ସମ୍ବନ୍ଧ ସ୍ଥାପନ କରିବାର ପ୍ରକ୍ରିୟା ଅଟେ, ଯାହାକୁ ବିଭିନ୍ନ ଧର୍ମରେ, ଭିନ୍ନ ଭିନ୍ନ ନାମ ଦିଆଯାଇଛି, ଯଥା ଗଡ଼, ଅଲ୍ଲା, ଈଶ୍ୱର, ତାଓ, ଜେହୋବା, ୱାହେଗୁରୁ ଆଦି । ସେ ଭାବାତୀତ ଓ ଅନ୍ତର୍ଯ୍ୟାମୀ ମଧ । ସେ ବାହାରେ ବ୍ୟାପ୍ତ ଓ ଭିତରେ ଆମ ହୃଦୟ ଗୁହାରେ ବି ବ୍ୟାପ୍ତ । ସେ ଏପରି ଏକ ସମ୍ପଦ, ଯାହା ଆମ ହୃଦୟରେ ଲୁଚି ରହିଛି ଓ ଆମକୁ ତାହାର ଜ୍ଞାନ ନାହିଁ । ଆମେ ଏହାକୁ ବାହାରେ ଖୋଜି ବୁଲୁଛେ । ରାମକୃଷ୍ଣ ପରମହଂସ କହୁଥିଲେ ଅଧିକାଂଶ ଲୋକ ବାହାରେ ବିଛେଇ ହୋଇ ପଡିଥିବା ସୃଷ୍ଟି ପ୍ରତି ଅଧିକ ରୁଚି ଦେଖାନ୍ତି, ଏହାର ରଚୟିତାଙ୍କ ପ୍ରତି ନୁହେଁ । ମନୁଷ୍ୟର ପ୍ରକୃତି ହେଉଛି ସେ ସତ୍ୟର ସାମନା କରେ ନାହିଁ, ବରଂ ତାହାର ଛାୟା ପଛରେ ଧାଇଁଥାଏ ।

ସାଂସାରିକ ମାୟା ପଛରେ ଯାତ୍ରା କରି ପରମାତ୍ମା ରୂପୀ ବାସ୍ତବିକ ସତ୍ୟକୁ ଭୁଲିଯିବା ମନୁଷ୍ୟର ଦୁର୍ଭାଗ୍ୟ । ବହୁତ କମ୍ ଲୋକ ଜୀବନର ପରମ ସତ୍ୟକୁ ଜାଣିବାର ଚେଷ୍ଟା କରନ୍ତି, ତାହାର ଚିନ୍ତା କରନ୍ତି । ଅଧିକାଂଶ ତ ଚମତ୍କାର ପଛରେ ଗୋଡାଇ ଥାଆନ୍ତି । ଏହି ଦୌଡରେ ଭଗବାନଙ୍କ ଚର୍ଚ୍ଚା ପ୍ରବଚନ ବହୁତ ହୋଇଥାଏ, ଲେଖାପଢ଼ା ବହୁତ ହୋଇଥାଏ, ଭଜନ କୀର୍ତ୍ତନ ବି ବହୁତ ହୋଇଥାଏ, କିନ୍ତୁପ୍ରକୃତରେ ତାଙ୍କୁ ପାଇବାର ଗମ୍ଭୀର ଚେଷ୍ଟା କେତେ ହୋଇଥାଏ, ଏହା ବିଚାରଣୀୟ ।

ଯଦି ସେପରି ଚେଷ୍ଟା ହୋଇଥାନ୍ତା ତ ଜୀବନ ଏତେ ବିପନ୍ନ ଅବସ୍ଥାରେ ପଡିରହି ନ ଥାନ୍ତା, ବରଂ ଜୀବନରେ ଶାନ୍ତି ପ୍ରସନ୍ନତା ଓ ଆନନ୍ଦର ପୁଷ୍ପ ଫୁଟିଥାନ୍ତା । ଈଶ୍ୱରଙ୍କ ପ୍ରତ୍ୟକ୍ଷ ଦର୍ଶନ ଭାରତୀୟ ହେଉ ବା ପାଶ୍ଚାତ୍ୟ ପରମ୍ପରା, ଧର୍ମ ଅଧ୍ୟାତ୍ମ ଓ ଦର୍ଶନର ଆଦର୍ଶ ରହି ଆସିଛି । ଭାରତରେ ଏପରି ବ୍ୟକ୍ତିକୁ ଯୋଗୀ କହନ୍ତି ଓ ପାଶ୍ଚାତ୍ୟରେ ଗୁହ୍ୟବାଦୀ ବା ମିଷ୍ଟିକ କହନ୍ତି । ଯୋଗୀ ବା ଗୁହ୍ୟବାଦୀ ପରମ ସତ୍ୟର ଏକାନ୍ତିକ ଅଭୀପସୁ ହୋଇଥାନ୍ତି ଅନନ୍ୟ ଭକ୍ତ ହୋଇଥାନ୍ତି ଏବଂ ଜ୍ଞାନର ପ୍ରତ୍ୟକ୍ଷ ଅନୁଭବ କରିବାକୁ ଚାହିଁଥାନ୍ତି । ଯଦିଓ ଏମାନଙ୍କ ସଂଖ୍ୟା ହାତଗଣତି ହୋଇଥାଏ । ଗୀତାରେ ଭଗବାନ ଶ୍ରୀକୃଷ୍ଣ ଏହି ସତ୍ୟକୁ ବ୍ୟକ୍ତ କରିଛନ୍ତି ଯେ ହଜାର ହଜାର ଲୋକଙ୍କ ମଧରେ କେହି ଜଣେ ପୂର୍ଣ୍ଣତାର ଇଚ୍ଛା ରଖିଥାଏ, ଚେଷ୍ଟା କରିଥାଏ ଓ ଏମାନଙ୍କ ମଧରୁ କେହି ଜଣେ ହିଁ ସେହି ସତ୍ୟ ପର୍ଯ୍ୟନ୍ତ ପହଞ୍ଚି ପାରେ ।

ବାସ୍ତବରେ ମନୁଷ୍ୟ ପ୍ରାୟ ଈଶ୍ୱରଙ୍କ ପରବାୟ କରେ ନାହିଁ । ସେ ତ ତାଙ୍କ ଛାୟା ପଛରେ ଧାଇଁଥାଏ । ବାଟରେ ଯାଉଥିବା ଜଣେ ବାଟୋଇ ଗୋଟିଏ ସୁନ୍ଦର ବଗିଚାକୁ ଦେଖି ତାହାର ସୁନ୍ଦରତାରେ ମୋହିତ ହୋଇଯାଏ, ତାହାକୁ ଦେଖିବାରେ ମଗ୍ନ ହୋଇଯାଏ । ତାହାର ମାଲିକ ସହିତ ଭେଟିବା ପାଇଁ ତା'ର ଜ୍ଞାନ ରହେ ନାହିଁ । ଏହି ଅବସ୍ଥା ସଂସାରରେ ଲିପ୍ତ ବ୍ୟକ୍ତିର ହୋଇଥାଏ, ଯିଏ ଏହାର ଚାକଚକ୍ୟରେ ହିଁ ହଜିଯାଏ, ଈଶ୍ୱରଙ୍କ ପ୍ରତି ପ୍ରବୃତ୍ତ ହୋଇପାରେ ନାହିଁ । ଜୀବାତ୍ମାର ସଚ୍ଚା ଉଦ୍ଦେଶ୍ୟ ହେଉଛି ସତ୍ୟକୁ ପାଇବା, ନିଜର ବାସ୍ତବିକ ସ୍ୱରୂପକୁ ଜାଣିବା, ସଂସାରର ଚାକଚକ୍ୟରେ ଏଣେତେଣେ ଭ୍ରମିତ ହେବା ନୁହେଁ ଏବଂ ନିଜର ଆରାଧ, ଇଷ୍ଟ ଓ ଜୀବନର ଧେୟକୁ ଭୁଲିଯିବା ନୁହେଁ । ଏହି ରୂପରେ ଅଧ୍ୟାତ୍ମ ଏକ ସାହସିକ ଅଭିଯାନ, ପର୍ବତାରୋହଣ ପରି କଠିନ କାର୍ଯ୍ୟ, ଯାହା ନିଜର ପୂର୍ଣ୍ଣ ପ୍ରସ୍ତୁତି ଦରକାର କରିଥାଏ ।

ଗୁରୁ ପ୍ରଥମେ ଶିଷ୍ୟକୁ ପରୀକ୍ଷା କରନ୍ତି ଯେ ଏଥିପାଇଁ ସେ ପ୍ରସ୍ତୁତ ଅଛି କି ନାହିଁ ? ସେ ତା'ର ତନୁ ମନର, ତା'ର ସାହସ, ତା'ର ପାତ୍ରତାର ପରୀକ୍ଷା ନିଅନ୍ତି । ଏହା ପରେ ଉଚିତ ମାର୍ଗଦର୍ଶନ କରନ୍ତି । ପର୍ବତାରୋହୀ ପର୍ବତ ମଧବର୍ତ୍ତୀ ନିମ୍ନ ଉପତ୍ୟକାଗୁଡିକର ମନୋହର ଦୃଶ୍ୟରେ ହଜି ଯାଇପାରେ କିମ୍ବା ଶିଖରଗୁଡିକର ଉଦ୍ଦାତ୍ତତାକୁ ଚାହିଁ ରହି ଉପରକୁ ଚଢ଼ିବା ଭୁଲି ଯାଇପାରେ । ଏହିପରି ଆଧାତ୍ମିକ ଜୀବନରେ ଋଦ୍ଧି ସିଦ୍ଧିଗୁଡିକର ଆକର୍ଷଣ ପଥର ଅବରୋଧ ସାଜି ସାମନାରେ ଉପସ୍ଥିତ ହୋଇଥାଏ । ଶରୀର ହାଲୁକା ହୋଇଯିବା, ପବନରେ ଉଡିବାର କ୍ଷମତା ଆସିଯିବା, ଅନ୍ୟର ମନକୁ ପଢ଼ିବାର ଶକ୍ତି ଜାଗ୍ରତ ହେବା, ଦୂରଶ୍ରବଣ, ଦୂରଦର୍ଶନ ଆଦି ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

# ସ୍ୱର୍ବେଦ

**ଅନ୍ୟ ୱିଲୀନ ଇଚ୍ଛା କରେଁ, ଏକ ସୋ ଅକ୍ଷର ଜାନ ।**
**କାରଣ ସବକା ଏକ ହୈ, କାରଜ ପଞ୍ଚ ସମାନ ॥୮୫॥**

ଭାଷ୍ୟ - ଯାହାର ଅନ୍ୟ କୌଣସି ଠାରେ ବିଲୀନ ହେବାର ଇଚ୍ଛା ହୁଏ, ସେ ଏକ ଅକ୍ଷର ଅଟେ । ସମସ୍ତଙ୍କର କାରଣ ଏକ ଅଟେ ଆଉ ପାଞ୍ଚ ଶବ୍ଦ ତାହାର କାର୍ଯ୍ୟର ସମାନ ଅଟନ୍ତି ।

**ଏକ ଚକ୍ର ଅକ୍ଷର ଗର୍ଜେ, ଆରା ସହସ ଅପାର ।**
**ଆଧେ ମେଁ ସବ ସୃଷ୍ଟି ହୈ, ଶେଷ ଶବ୍ଦ ନିରଧାର ॥୮୬॥**

ଭାଷ୍ୟ - ଏକ ଚକ୍ର ଅକ୍ଷର ଅଟେ, ଯାହା ସହସ୍ର ଆରା ଯୁକ୍ତ ଅଟେ ଏବଂ ଯାହା ସୀମାତୀତ । ତାହାରି ଅଧାରେ ସମସଗ୍ର ସୃଷ୍ଟି ରହିଛି ଆଉ ଅଧା ଶେଷ ପରମ ଅକ୍ଷର ନିଃଶବ୍ଦରେ ନିରାଧାର ସ୍ଥିତ ଅଛନ୍ତି ।

**ଅକ୍ଷର ଆଧା ସୃଷ୍ଟି ମେଁ, ଆଧା ଶବ୍ଦ ପସାର ।**
**ଯହ ରହସ୍ୟ ଅତି ଗୂଢ଼ ହୈ, ଅନୁଭୱ ବୋଧ ୱିଚାର ॥୮୭॥**

ଭାଷ୍ୟ - ଅକ୍ଷରର ଅଧାରେ ସମଗ୍ର ସୃଷ୍ଟି ରହିଛି ଆଉ ଅଧାରେ ବିସ୍ତୃତ ଶବ୍ଦ ମହାମଣ୍ଡଳ ଅଛି । ଏହି ରହସ୍ୟ ଅତ୍ୟନ୍ତ ସୂକ୍ଷ୍ମ ଆଉ ଗୁପ୍ତ ଅଟେ । ଅନୁଭୱ ଜ୍ଞାନ ବଳରେ ହିଁ ଏହାର ପୂର୍ଣ୍ଣ ବୋଧ ହୋଇଥାଏ ।

**ଶେଷ ପରମ ଅକ୍ଷର ରହେ, ଅର୍ଧ ରହେ ସଂସାର ।**
**ଯହ ଅକ୍ଷର ଏକ ଚକ୍ର ହୈ, ଜାସେ ସୃଷ୍ଟି ପସାର ॥୮୮॥**

ଭାଷ୍ୟ - ଚକ୍ରର ଅଧାରେ ସଂସାର ଅଛି ଏବଂ ଶେଷରେ ପରମ ଅକ୍ଷର ଅଛି । ଏହା ଏକ ଅକ୍ଷର ଚକ୍ର ଅଟେ ଯହିଁରେ ସୃଷ୍ଟିର ବିସ୍ତାର ହୋଇଥାଏ ।




**ତିରଛେ ମୁଖ ଉଧ ପେଁଦ ହୈ, ଚମସ ଏକ ମୁଖ ରାସ ।**
**ଅନ୍ନ ୱ ଜଲ ବଲ ତାହିଁ ମେଁ, ସପ୍ତ ରଷୀ ରହ ପାସ ॥୮୯॥**

ଭାଷ୍ୟ - ତେଢ଼ା ମୁହଁ ଆଉ ଉର୍ଦ୍ଧ୍ୱ ପେନ୍ଦର ଗୋଟିଏ ଚାମଚ ଆକାର କାଠ ନିର୍ମିତ ଯଜ୍ଞପାତ୍ର ଅଛି ଯହିଁରେ ଅନ୍ନ, ଜଳ ଓ ବଳ ରଖାଯାଇଛି, ଯେଉଁଠାରେ ସପ୍ତଋଷି ନିବାସ କରନ୍ତି ।

**ୱହାଁ ଏକତ୍ର ୱିରାଜତେ, ସପ୍ତ ରଷୀ ରଖୱାର ।**
**ସପ୍ତ ପ୍ରାଣ ବ୍ରହ୍ମାଣ୍ଡ ହୈ, ବହତ ସୁଧାରସ ଧାର ॥୯୦॥**

ଭାଷ୍ୟ - ସେଠାରେ ଏକତ୍ର ବିରାଜମାନ ହୋଇ ସପ୍ତ ଋଷିଗଣ ସୁରକ୍ଷା ପ୍ରଦାନ କରନ୍ତି । ସେହି ସପ୍ତ ଋଷି ବ୍ରହ୍ମାଣ୍ଡୀ ସପ୍ତପ୍ରାଣ ଅଟନ୍ତି ଯେଉଁମାନେ ପ୍ରବହମାନ ଅମୃତର ଧାରାକୁ ରକ୍ଷ କରିଥାନ୍ତି ଅର୍ଥାତ୍ ତା'ର ସୁରକ୍ଷାରେ ସଦା ତତ୍ପର ରହିଥାନ୍ତି ।

**ସପ୍ତ ରଷୀ ଯହ ପ୍ରାଣ ହୈଁ, ଶୀର ଚମସ କର ଜାନ ।**
**ଅନ୍ନ ସୋମରସ ଆତ୍ମ ବଲ, ବ୍ରହ୍ମୱେତ୍ତା ତତ୍ତ୍ୱ ଜ୍ଞାନ ॥୯୧॥**

ଭାଷ୍ୟ - ସପ୍ତ ଋଷି, ବ୍ରହ୍ମାଣ୍ଡୀ ସାତ ପ୍ରାଣ ଅଟନ୍ତି ଆଉ ମସ୍ତକ ଚାମୁଚ ଅଟେ ଏବଂ ଅନ୍ନ ସୋମରସ ଅଟେ, ଯାହା ଆତ୍ମାର ଶକ୍ତି ଅଟେ । ଏହି ତତ୍ତ୍ୱଜ୍ଞାନକୁ ବ୍ରହ୍ମବେତ୍ତା ଜାଣନ୍ତି ।

**ସବ ପ୍ରକାର ସବ ଔର ସେ, ଆଗେ ପୀଛେ ଜୋୟ ।**
**ରଚା କୱନ ଜୂଡ଼ୀ ରହେ, ଯଜ୍ଞ ରମ୍ଭ କର ସୋୟ ॥୯୨॥**

ଭାଷ୍ୟ - ସମସ୍ତ ପ୍ରକାର ଆଉ ଚତୁର୍ଦ୍ଦିଗ ତଥା ଆଗରେ ଏବଂ ପଛରେ ବେଦମନ୍ତ୍ର ଯୁକ୍ତ ହୋଇ ରହିଥାଏ, ଯାହାର ଯଜ୍ଞର ଆରମ୍ଭ କରେ । ଏହାର ଉତ୍ତର ପରବର୍ତ୍ତୀ ଦୋହାରେ ପ୍ରଦାନ କରାଯାଇଛି ।

**ରଚୋ ଅକ୍ଷରେ ପରମ ହୈ, ରଚା ସୱନ ପରଧାନ ।**
**ଯାଜ୍ଞିକ ୱାକୋ ଜାନତେ, ୱିଦ୍ୟା ପରମ ସୟାନ ॥୯୩॥**

ଭାଷ୍ୟ - 'ଋଚୋ ଅକ୍ଷରେ ପରମ ବ୍ୟୋମନ' ଇତ୍ୟାଦି ବେଦମନ୍ତ୍ର ଯଜ୍ଞରେ ମୁଖ୍ୟ ସ୍ଥାନ ଗ୍ରହଣ କରନ୍ତି, ଯାହାକୁ ଏହି ବିଦ୍ୟାର ପାରଦର୍ଶୀ ବିଦ୍ୱାନ ଜାଣନ୍ତି ।

**ଅକ୍ଷର ପିତା ୱ ଜଗତ କା, ପୁତ୍ର ଭୀ ଅକ୍ଷର ଜାନ ।**
**ଅକ୍ଷର ସବସେ ଜ୍ୟେଷ୍ଟ ହୈ, ଛୋଟ ଭୀ ଅକ୍ଷର ମାନ ॥୯୪॥**

ଭାଷ୍ୟ - ଅକ୍ଷର ଜଗତର ପିତା ଅଟନ୍ତି ଆଉ ଅକ୍ଷର ପୁତ୍ର । ଅକ୍ଷର ସବୁଠାରୁ ଜ୍ୟେଷ୍ଠ ଅଟେ ଏବଂ କନିଷ୍ଠ ମଧ୍ୟ ଅକ୍ଷର ଅଟେ । ଅକ୍ଷର ପ୍ରକୃତି ଆଉ ଆତ୍ମାରେ ସର୍ବତ୍ର ବ୍ୟାପକ ଅଟେ ।

**ପିତା ପୁତ୍ର ଅକ୍ଷର ବନେ, ଜ୍ୟେଷ୍ଟ ଛୋଟ ସବ ମାନ ।**
**ଅକ୍ଷର ସେ ସଂସାର ହୈ, ଅକ୍ଷର ମାହିଁ ସମାନ ॥୯୫॥**

ଭାଷ୍ୟ - ଅକ୍ଷର ପିତା ପୁତ୍ର ତଥା ଛୋଟ ବଡ଼ ହୋଇଥାଏ । ଅକ୍ଷରରୁ ହିଁ ପ୍ରକୃତି ଦ୍ୱାରା ସଂସାର ପ୍ରକଟ ହୋଇଥାଏ ଆଉ ଶେଷରେ ଅକ୍ଷରରରେ ହିଁ ପ୍ରବେଶ କରିଯାଏ । ଅକ୍ଷର ଦ୍ୱାରା ହିଁ ସମସ୍ତ ଜଗର ରଚନା ହୋଇଥାଏ ।

**ପିତା ପୁତ୍ର ଆତମ ନହାଁ, ଜ୍ୟେଷ୍ଟ ଛୋଟ ନହିଁ ହୋୟ ।**
**ୱହ ତୋ ହଁସ ସ୍ୱରୂପ ହୈ, କରତା ଭୋଗତା ସୋୟ ॥୯୬॥**

ଭାଷ୍ୟ - ଆତ୍ମା, ପିତା ଅବା ପୁତ୍ର ନୁହେଁ କିମ୍ବା ସେ ଛୋଟ ଅବା ବଡ଼ ନୁହେଁ । ଏହା ତ ପ୍ରକୃତି ବନ୍ଧନଯୁକ୍ତ ଆତ୍ମାର ମାୟିକ ସ୍ଥୂଳ ସ୍ୱରୂପ ଅଟେ ଯାହା ଭୌତିକ ଜଗତରେ ଦୃଷ୍ଟିଗୋଚର ହୋଇଥାଏ । ଅଅତ୍ମାର ପ୍ରାକୃତିକ ସ୍ୱରୂପ ନାହିଁ, ତାହାର ଶୁଦ୍ଧ ଚେତନ ହଁସ ସ୍ୱରୂପ ଅଛି । ସେ ପ୍ରାକୃତିକ କରଣରେ କର୍ମ କରିଥାଏ ଓ ସେଗୁଡ଼ିକୁ ଉପଭୋଗ କରିଥାଏ ।

**ପିତା ପୁତ୍ର ବଡ଼ ଛୋଟ ଜୋ, ଯହ ତ ଦେହ କର ଭାୱ ।**
**ଅକ୍ଷର ହଁ ସବହାଁ ବନେ, ଅନ୍ତର ଦୃଷ୍ଟି ସମାୱ ॥୯୭॥**

ଭାଷ୍ୟ - ପିତା-ପୁତ୍ର, ଛୋଟ-ବଡ଼ - ଏହ ଦେହର ଭାବ ଅଟନ୍ତି, ମାତ୍ର ଅନ୍ତର୍ଦୃଷ୍ଟିରେ ଦେଖିଲେ ଅକ୍ଷର ହିଁ ସମସ୍ତ ସ୍ୱରୂପକୁ ଧାରଣ କରେ ଓ ପ୍ରକୃତିର ନିୟମକୁ ପାଳନ କରେ ।

**ଏକ ସୂତ୍ର ୱହ ସହଜ ହୈ, ଜାମେ ଜୀୱ ପିରୋୟ ।**
**ଚେତନ ଜୀୱ ଅନନ୍ତ ହୈ, ଚେତନ ସୂତ୍ର ଗଥୋୟ ॥୯୮॥**

ଭାଷ୍ୟ - ଏକମାତ୍ର ସେହି ବ୍ୟାପକ ସୂତ୍ର ଅଛି ଯେଉଁଥିରେ ସମସ୍ତ ଜୀବ ଗୁନ୍ଥି ହୋଇ ରହିଛନ୍ତି ଆଉ ଅନନ୍ତ ଚେତନ ପବିତ୍ର ଜୀବ ଚେତନ ସୂତ୍ରରେ ଗୁନ୍ଥି ହୋଇ ରହିଛନ୍ତି । ସୂତ୍ରର ମଧ୍ୟ ସୂତ୍ର, ପରମ ପୁରୁଷ ଅଟନ୍ତି, ଯିଏ ପ୍ରକୃତି ଅକ୍ଷରପାର ଶୁଦ୍ଧ ଅମୃତ ଚେତନସ୍ୱରୂପ ଅଟନ୍ତି ।

## ଅଧ୍ୟାତ୍ମ ଏକ ସାହସିକ... (ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଯିଏ ଏଗୁଡିକରୁ ପାର ହୋଇଯାଏ, ସେ ସତ୍ୟକୁ ଜାଣିପାରେ ।

ଏହି ପ୍ରଲୋଭନ ଏକ ପ୍ରକାରେ ଅଗ୍ନିପରୀକ୍ଷା ଭଳି ସାଧକର ଜୀବନରେ ଆସିଥାଏ ଓ ଶେଷ ସମୟ ପର୍ଯ୍ୟନ୍ତ ତାକୁ କଷଟିରେ କଷିଥାଏ । ବୌଦ୍ଧ ଧର୍ମରେ ଏହାକୁ ମାର, ଖ୍ରୀଷ୍ଟିଆନ ଧର୍ମରେ ସଇତାନ କହନ୍ତି ତଥା ରାମକୃଷ୍ଣ ପରମହଂସ ଏହାକୁ ପାପପୁରୁଷ କହୁଥିଲେ, ଯାହା ଦୁର୍ବୁଦ୍ଧି ରୂପେ ସାଧକକୁ ଯେ କୌଣସି ମୁହୂର୍ତ୍ତରେ ପଥଭ୍ରଷ୍ଟ କରିପାରେ । ନିମ୍ନ ପ୍ରକୃତି କେବେ ବି ଜାଗି ଉଠି ସମସ୍ତ କାର୍ଯ୍ୟ ବିଗାଡ଼ି ଦେଇପାରେ । ଶୀଘ୍ର ହେଉ କି ବିଳମ୍ବରେ ହେଉ ପ୍ରତ୍ୟେକ ସାଧକକୁ ଏହି ସୂକ୍ଷ୍ମ ଅବରୋଧଗୁଡିକର ଅଗ୍ନି ପରୀକ୍ଷା ଅତିକ୍ରମ କରିବାକୁ ପଡିଥାଏ । ସ୍ୱାମୀ ବିବେକାନନ୍ଦଙ୍କ ଶବ୍ଦରେ ଧର୍ମ ଅଧ୍ୟାତ୍ମର ମାର୍ଗରେ ଅଧିକାଂଶ ସାଧକ ଛଳନାକାରୀ ହୋଇଯାନ୍ତି । କେତେକ ସିଦ୍ଧି ମିଳିଗଲେ ଚମତ୍କାରୀ ବାବା ରୂପ ଧାରଣ କରି ନିଅନ୍ତି । ବିକ୍ଷିପ୍ତ ହୋଇଯାନ୍ତି । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ଏହି ସ୍ଥିତି ଅଧୀର ସାଧକମାନଙ୍କର ହୋଇଥାଏ । ଏଥିପାଇଁ ନିଜର ସ୍ନାୟୁ ସଂସ୍ଥାନ, ଶିରାପ୍ରଶିରା ଓ ମନଃ ସଂସ୍ଥାନକୁ ମଜଭୁତ କରିବାକୁ ପଡିଥାଏ । ବହୁତ କମ୍ ସାଧକ ହିଁ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚି ପାରନ୍ତି ଯେଉଁମାନେ କ୍ରମିକ ରୂପେ ସ୍ୱୟଂକୁ ଶୁଦ୍ଧ କରି, ନିଜର ପାତ୍ରତା ବିକଶିତ କରି ଆଗକୁ ବଢ଼ନ୍ତି ଏବଂ ସ୍ୱୟଂ ଉପରେ ଅସାଧାରଣ ନିୟନ୍ତ୍ରଣ ରଖି ମାର୍ଗର ଅବରୋଧଗୁଡିକୁ ପାର କରି ଅଗ୍ରସର ହୁଅନ୍ତି । ପ୍ରତ୍ୟେକ ଆଧାତ୍ମିକ ମହାପୁରୁଷ ମାର୍ଗର ନଶ୍ୱର ସୁଖ, କାମନା, ବାସନା ଓ ତୃଷ୍ଣାରୁ ବର୍ତ୍ତିବାର ଚେତାବନୀ ଦେଇଛନ୍ତି, ଏଥିରେ ବି ଆଶ୍ଚର୍ଯ୍ୟ ହେବା ଅନାବଶ୍ୟକ । ଏଥିପାଇଁ ପର୍ଯ୍ୟାପ୍ତ ପ୍ରଶିକ୍ଷଣ ପ୍ରାପ୍ତ ହେବାକୁ ପଡିଥାଏ, ଏହା ନିଃସନ୍ଦେହ । ଏହି ମାର୍ଗ ପାଇଁ ଯୋଗ୍ୟତାର ଅଭିବର୍ଦ୍ଧନ କରିବାକୁ ପଡିଥାଏ । ବିବେକ, ବୈରାଗ୍ୟ, ତ୍ୟାଗ, ଅନାସକ୍ତ ଭଳି ସଦଗୁଣଗୁଡିକର ଅଭ୍ୟାସ କରିବାକୁ ହୋଇଥାଏ, କାରଣ କାମନାଗୁଡିକରେ ଅଟକିଥିବା ନାବ ଆଗକୁ ବଢ଼ିପାରେ ନାହିଁ ।

ଇନ୍ଦ୍ରିୟ ସଂଯମ, ମନର ସ୍ଥିରତା ସମତାକୁ ବିକଶିତ କରିବାକୁ ପଡିଥାଏ, ଯେପରି ତାହା ବାହାରର ପ୍ରଲୋଭନ ଓ ଚାପ ଦ୍ୱାରା ପ୍ରଭାବିତ ହେଉ ନଥିବ । ସ୍ୱୟଂ ପ୍ରତି ଶ୍ରଦ୍ଧା ଓ ଗୁରୁ ବାକ୍ୟଗୁଡିକ ଉପରେ ଅସୀମ ଆସ୍ଥା ଧାରଣ କରିବାକୁ ପଡିଥାଏ ଏବଂ ମୁକ୍ତିର ତୀବ୍ର ଅଭୀପସା ଜାଗ୍ରତ ରଖି ସମର୍ପଣର ଅଭ୍ୟାସ କରିବାକୁ ହୋଇଥାଏ । ବସ୍ତୁତଃ ଏହା ଏକାନ୍ତର ଏକାନ୍ତ ପର୍ଯ୍ୟନ୍ତ ଉଡାଣ ଅଟେ । ମାର୍ଗରେ ପବିତ୍ର ମନ ହିଁ ସାଧକର ଗୁରୁ ହୋଇଯାଏ । ହୃଦୟରେ ସ୍ଥିତ ସଦଗୁରୁଙ୍କ ନିର୍ଦ୍ଦେଶକୁ ଶୁଣିବାର କ୍ଷମତା ବିକଶିତ ହୋଇଥାଏ । ଏଥିପାଇଁ ନିୟମିତ ଧାନର ଅଭ୍ୟାସ କରିବାକୁ ପଡିଥାଏ, ଯାହା ପ୍ରାରମ୍ଭରେ ସରଳ ହୋଇ ନ ଥାଏ । ଏଥିପାଇଁ ଜପର ଆଶ୍ରୟ ନେଇ ଅଭ୍ୟାସ କରାଯାଏ ।

ଧୀରେ ଧୀରେ ମନ ଇଷ୍ଟରେ ଲୟ ହେବାରେ ଲାଗେ, ଧାରଣା ଶକ୍ତି ବିକଶିତ ହେବାରେ ଲାଗେ ଓ ତାପରେ ଧାନର ଅବସ୍ଥା ଆସିଥାଏ । ଏଥି ନିମନ୍ତେ ଦୀର୍ଘ ଅଭ୍ୟାସ, ଦୀର୍ଘକାଳୀନ ପ୍ରସ୍ତୁତି ଆବଶ୍ୟକ, ଶେଷରେ ଦିନେ ସମ୍ବାଦର ସ୍ଥିତି ଉତ୍ପନ୍ନ ହୁଏ ତଥା ଭିତରୁ ଆନନ୍ଦର ନିର୍ଝର ଫୁଟି ପଡେ । ଏହି ମୁହୂର୍ତ୍ତ କେତେ କଠିନତା, ଦୁଃଖ କଷ୍ଟ ଓ ପୀଡ଼ାର ଝଡ଼ ତୋଫାନ ମଧରେ ଗତି କରିବା ପରେ ଯାଇ ଆସିଥାଏ- ଏକଥା ଭୁକ୍ତଭୋଗୀ ହିଁ ଜାଣନ୍ତି ।

ଏହି ଅଧାତ୍ମ ପଥ ପ୍ରତ୍ୟେକ ମାନବର ଜନ୍ମସିଦ୍ଧ ଅଧିକାର, ବାସ୍, ଗଭୀରତାରେ ଅବତରଣ କରିବା, ଉପର ସ୍ତରରେ ଇନ୍ଦ୍ରିୟ ସୁଖରେ ପହଁରିବା ପରିବର୍ତ୍ତେ ବ୍ରହ୍ମ ସାଗରରେ ଗୋତା ମାରିବା ଏବଂ ସତତ ଅଭ୍ୟାସ ବଳରେ ଧୀରେ ଧୀରେ ନିଜର ପାତ୍ରତା ବିକଶିତ କରି ଜୀବନର ସାର୍ଥକତା, ସଚ୍ଚା ସୁଖ ଓ ଆନନ୍ଦ ପାଇବାର ଆବଶ୍ୟକତା ରହିଛି । ଏଥିପାଇଁ କାହିଁକି ସଂସାରରେ ଅନାବଶ୍ୟକ ରୂପେ ଫସି ରହି ଅନନ୍ତ ସମୟର ଅପେକ୍ଷା କରିବା ? ସ୍ୱୟଂକୁ ସାଉଁଟି ନେଇ ଆଜି ଏବେ ଠାରୁ ଏହି ମହାନ୍ କାର୍ଯ୍ୟରେ ଲାଗି ନ ଯିବା କାହିଁକି ?

# ବାଇଗଣ ଖାଇଲେ ଶର୍କରା ନିୟନ୍ତ୍ରଣ ହେବ

**ବି**ଭିନ୍ନ ପନିପରିବା ମଧରୁ ବାଇଗଣ ହେଉଛି ଅନ୍ୟତମ । ଏହି ପରିବାକୁ କିଏ ପୋଡି ଖାଏ ତ କିଏ ତରକାରି କରି ଖାଏ । ବାଇଗଣରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ବି ପ୍ରସ୍ତୁତ କରାଯାଏ । ଏସବୁକୁ ବାଦ ଦେଲେ ଏହା ଆମର ଚିକିତ୍ସା କ୍ଷେତ୍ରରେ ବହୁ ଉପକାରୀ ସାବ୍ୟସ୍ତ ହୋଇଥାଏ । କିଛି ଲୋକ ଏହି ପରିବାକୁ ନାପସନ୍ଦ କରୁଥିବାରୁ ଏବେଠାରୁ ଏହାକୁ ନିଜ ଖାଦ୍ୟରେ ସାମିଲ କରନ୍ତୁ । ବିଶ୍ୱର ପ୍ରତି ୧୦ ଜଣରେ ୫ ଜଣ ବ୍ୟକ୍ତି ବାଇଗଣ ଖାଇଥାନ୍ତି । ସବୁଠାରୁ ଅଧିକ ଜାପାନ ଓ ଭାରତରେ ଏହି ପରିବାର ବ୍ୟବହାର ହୋଇଥାଏ । ଜାପାନରେ ଏହାକୁ ଆମିଷ ତରକାରି ସହ ରନ୍ଧାଯାଏ । ନିକଟରେ ଆମେରିକୀୟ ଗବେଷକ କରିଥିବା ସେମାନଙ୍କ ଗବେଷଣାରୁ ନିଶ୍ଚିତ ହୋଇଛନ୍ତି ଯେ ଦୈନିକ ବାଇଗଣ ଖାଇବା ଶରୀର ପାଇଁ ଭଲ । ବାଇଗଣ ଭର୍ତ୍ତାରେ ଛୋଟ ଚାମଚରେ ଏକ ଚାମଚ ମହୁ ମିଶାଇ ଖାଇଲେ ସୁନିଦ୍ରା ହୁଏ । ତରକାରିରେ



ଏହା ଖାଇବା ଖୁବ ଲ । ଭ ପ୍ ଦ । ବାଇଗଣ ସୁପରେ ହେଙ୍ଗୁ ଓ ରସୁଣ ସମପରିମାଣରେ ମିଶାଇ ପିଇଲେ ଅମ୍ଳ ରୋଗରୁ ରକ୍ଷାମିଳେ । ଏହାକୁ ନିୟମିତ ଖାଇଲେ ଶର୍କରା ନିୟନ୍ତ୍ରଣରେ ରହିଥାଏ ବୋଲି ଗବେଷକମାନେ କହିଛନ୍ତି ।

## ଟିକିଏ ହସନ୍ତୁ



ପ୍ରେମିକା - ଚାଲ ନା, ମ୍ୟାକଡୋନାଲ୍ଡ ଯିବା ।
ପ୍ରେମିକ - ଆଗ ମ୍ୟାକଡୋନାଲ୍ଡର ସେଲିଂ କୁହ, ତା'ପରେ ଯାଇ ଯିବା ।
ପ୍ରେମିକା -ଛାଡ, ସେଠି ଯିବାନି ।
କେଏଫ୍‌ସି ଯିବା ।
ପ୍ରେମିକ - କେଏଫ୍‌ସିର ଫୁଲ୍‌ଫର୍ମ କହିଲ ଦେଖି ।
ପ୍ରେମିକା - କଞ୍ଜୁସ୍ କୋଉଠିକାର । ରାସ୍ତା କଡର ସିଙ୍ଗଡା ତ ଖାଇବାକୁ ଦେ ।

× × × ×

ଶିକ୍ଷକ ପିଲାମାନଙ୍କୁ– ମନ ଯଦି ଦୃଢ ଅଛି, ତେବେ ପଥରରୁ ବି ପାଣି ବାହାର କରିପାରିବ ।
ଗୋଲୁ– ସାର୍ ମୁଁ ତ ଲୁହାରୁ ବି ପାଣି ବାହାର କରିପାରିବି ?
ଶିକ୍ଷକ– ସତ ! କେମିତି କରିବୁ କହିଲୁ ଦେଖୁ ।
ଗୋଲୁ– ହ୍ୟାଣ୍ଡପମ୍ପ ମାରି ।

× × × ×

(ପିଣ୍ଟୁ ଓ ମଣ୍ଟୁ ମଧରେ କଥାବାର୍ତ୍ତା) ।
ପପୁ - କହିଲୁ,ପିଣ୍ଟୁ ଜେଲ୍‌କୁ ହିନ୍ଦୀରେ କାହିଁକି ହାବାଲାତ୍ କୁହାଯାଏ ।
ପିଣ୍ଟୁ : ବହୁତ ସହଜ, କାରଣ ସେଠି କେବଳ ହାବା ଏବଂ ଲାତ୍ ମିଳିଥାଏ ।

× × × ×

ଅଜୁ ତା ସାଙ୍ଗ ବିଜୁକୁ କହିଲା-ଆରେ ସାଙ୍ଗ ତମ କୁକୁର ମୋ ବହି ଫାଡି ଦେଇଛି ।
ବିଜୁ : ତୁ ଟିକେ ରହ ଅଜୁ ମୁଁ ତାକୁ ଦଣ୍ଡ ଦେବି ।
ଅଜୁ : ତୁ ଦେନା ଦଣ୍ଡ ତାକୁ । ତା' ଭାଗର ଦଣ୍ଡ ମୁଁ ଦେଇ ଦେଇଛି ।
ବିଜୁ : କେମିତି ?
ଅଜୁ : ମୁଁ ତା' ଗିନାରେ ଥୁଆ ହୋଇଥିବା ସବୁ କ୍ଷୀର ପିଇ ଦେଇଛି ।

× × × ×

ଶିକ୍ଷକ-ମୁଁ କାଲି କୁକୁର ଉପରେ ରଚନା ଲେଖିବାକୁ ଦେଇଥିଲି, ହେଲେ ତୁମେ କାଇଁ ଲେଖୁନ ?
ଛାତ୍ର : ସାର୍ ମୁଁ କାଲି ଯେମିତି ପେନ୍ ଧରି ରଚନା ଲେଖିବି ବୋଲି ବସିଲି, ସେ ଦୌଡ଼ି ପଳେଇଲା ।

× × × ×

ରାତି ଅଧରେ ସ୍ତ୍ରୀଙ୍କ ମୋବାଇଲ୍ ବିପ୍ ହେଲା ।
ସ୍ୱାମୀ ନିଦ ମଳମଳ ଆଖିରେ ଚେକ୍ କରିବା ପରେ ଖୁବ୍ ରାଗିଗଲେ ।
ଆଉ ସ୍ତ୍ରୀଙ୍କୁ ଉଠାଇ କହିଲେ : ତମକୁ ଏତେ ରାତିରେ କିଏ 'ବିଉଟିଫୁଲ୍' ଲେଖି ପଠେଇଛି ?
ସ୍ତ୍ରୀ ମୋବାଇଲ୍‌କୁ ଭଲରେ ଦେଖି ସ୍ୱାମୀଙ୍କୁ - ଚଷମାଟା ଟିକେ ଲଗେଇକି ଭଲରେ ଦେଖ ।
'ବିଉଟିଫୁଲ' ଲେଖା ହେଇନି । ଲେଖା ହେଇଛି- 'ବ୍ୟାଟେରୀ ଫୁଲ୍' ।

× × × ×

ଭିକାରି– ଭଗବାନଙ୍କ ନାଁରେ କିଛି ଦେଇଦିଅ ବାବା ।
ହତାଶ ଯୁବକ– ଏଇ ନିଅ ମୋର ଇଞ୍ଜିନିୟରିଂ ଡିଗ୍ରି ।
ଭିକାରି – ଭାଇ, ମତେ କନ୍ଦେଇବ ନା କ'ଣ ?
ତମକୁ ଦରକାର ଯଦି ଏଇ ନେଇଯାଅ ମୋର ଏମବିଏ ଡିଗ୍ରି ।

# ସଜନା ଶାଗର ଉପକାରିତା

ସଜନା ଶାଗ ସ୍ୱାସ୍ଥ୍ୟ ଲାଗି ଖୁବ୍ ଉପକାରୀ । ଏହା ସୁପରଫୁଡରେ ଯାଇଥାଏ । ଏଥିରେ ପ୍ରୋଟିନ୍, ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ଏ, ସି ଓ ବହୁ ପ୍ରକାରର ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି । ଏହାର ପତ୍ରକୁ ଶୁଖାଇ ଗୁଣ୍ଡ କରି ଖାଇବା ଦ୍ୱାରା ଏହା ବହୁ ରୋଗ ଲାଗି ବିଶେଷ ଉପକାରୀ । ମୋଟାପଣ ଦୂର କରିବା ଲାଗି ଏହା ବିଶେଷ ଫଳଦାୟୀ ।

ଇମ୍ୟୁନିଟି ମଜଭୁତ ହୁଏ: ସଜନା ପତ୍ର ପାଉଡରରେ ଭିଟାମିନ୍ ସି' ଓ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ରହିଛି, ଯାହାକି ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ । ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ସର୍ଦ୍ଦି କାଶ, ଭାଇରାଲ ଇନ୍ଫେକ୍ସନ ଓ ଋତୁପରିବର୍ତ୍ତନ ଜନିତ ରୋଗରୁ ମୁକ୍ତି ମିଳିଥାଏ । ଏହା



ଶରୀରକୁ ଭିତରୁ ମଜଭୁତ କରିବା ସହିତ ଇନ୍ଫେକ୍ସନ୍ ଭୟ ଦୂର କରିଥାଏ ।

ହିମୋଗ୍ଲୋବିନ୍ ବଢ଼ାଏ: ସଜନା ଶାଗରେ ପ୍ରଚୁର ଆଇରନ ରହିଛି ଯାହାକି ଶରୀରରେ ହିମୋଗ୍ଲୋବିନକୁ ବଢ଼ାଇବାରେ ସହାୟତା ପ୍ରଦାନ କରିଥାଏ । ଏଥିପାଇଁ ସଜନା ଏକ ସହଜ ଓ ଫଳପ୍ରଦ ଉପାୟ । ଏହା ରକ୍ତହୀନତା ଦୂର କରିବା ସହିତ ଶରୀରରେ ଅକ୍ସିଜେନ୍ ଲେଭଲକୁ ଉତ୍ତମ କରିଥାଏ ।

ସ୍କିନ୍ ଗ୍ଲୋ କରେ: ଏଥିରେ ଥିବା ଭିଟାମିନ୍ ଏ' ଓ ସି ଓ ଇ ଗଚ୍ଛିତ ରହିଛି । ଯାହା ତ୍ୱଚା ଗ୍ଲୋଇଂ କରିବା ସହିତ ଗୋରା ଓ ହେଲଦୀ ରଖିଥାଏ । ଏହା ସ୍କିନରୁ ବିଷାକ୍ତ ପଦାର୍ଥକୁ ବାହାର କରିଥାଏ । ଯାହା ତ୍ୱଚାରୁ ପିମ୍ପଲ ଓ ଦାଗ- ଚିହ୍ନ ଦୂର କରିଥାଏ । ଏଥିସହିତ ଆଣ୍ଟି-ଏଜିଂ ଗୁଣ ଏଥିରେ ପ୍ରଚୁର ଭରି ରହିଛି ।

କେଶ ମଜଭୁତ କରେ: ସଜନା ଶାଗରେ ପ୍ରୋଟିନ, ଆଇରନ ଓ ମିନେରାଲ୍ସ କେଶର ମୂଳକୁ ପୋଷଣ ଦେଇଥାଏ । ଏହାଦ୍ୱାରା କେଶ ଝଡ଼ିବା ଓ ଘନ ହେବା ଦ୍ୱାରା ବ୍ଲଡ ସର୍କୁଲେସନ ଉତ୍ତମ କରିଥାଏ । ଏହା ହେୟାର ଫଲ ହ୍ରାସ କରିବା ଓ ଗ୍ରୋଥ ବଢ଼ାଇବାରେ ସହାୟ ହୋଇଥାଏ ।

ଏନର୍ଜୀ ବୃଦ୍ଧି କରେ: ସଜନା ଶାଗରେ ଥିବା ପ୍ରାକୃତିକ ଗୁଣ ସ୍ୱାସ୍ଥ୍ୟରେ ଚମକ ବୃଦ୍ଧି କରେ । ଏହାକୁ ଖାଇବା ଦ୍ୱାରା ଦୁର୍ବଳତା ଦୂର ହୁଏ । ଥକ୍କାପଣ ଦୂର ହୁଏ । ସାରା ଦିନ ଏନର୍ଜେଟିକ ରହିବା ଭଳି ଲାଗିଥାଏ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଓ ମିନେରାଲ୍ସ ଆକ୍ଟିଭ୍ ରଖିବାରେ ସହାୟତା ପ୍ରଦାନ କରିଥାଏ ।

ଓଜନ ହ୍ରାସ କରିଥାଏ: ଏହା ମେଟାବଲିଜମକୁ ତୀବ୍ର ଭାବରେ ବଢ଼ାଇଥାଏ । ଯାହା ଦ୍ୱାରା ଶରୀରରୁ ଖୁବ ଶୀଘ୍ର ଫ୍ୟାଟ୍ ଦୂର କରିଥାଏ । ଏଥିରେ ଫାଇବର ମଧ ପ୍ରଚୁର ମାତ୍ରାରେ ରହିଛି । ଯାହା ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭରି ରଖିବାରେ ସହାୟତା ପ୍ରଦାନ କରିଥାଏ । ଏଥିପାଇଁ ଏହା ୱେଟଲସ କରିବାରେ ସହାୟକ ହୋଇଥାଏ ।

ଉଚ୍ଚ ରକ୍ତ ଚାପ ଦୂର କରେ: ଯେଉଁ ବ୍ୟକ୍ତିଙ୍କର ହାଇବ୍ଲଡ ପ୍ରେସର ରହିଛି ସେମାନେ ସଜନା ଶାଗ ନିହାତି ଖାଇବା ଉଚିତ ।

ଏହାର ପାଉଡର ବନାଇ ସକାଳୁ ଖାଲି ପେଟରେ ଏକ ଛୋଟ ଚାମଚ ନଖ ଉଷୁମ ପାଣି ସହିତ ସେବନ କରନ୍ତୁ । ଶାଗ, ସୁପ, ରାଇତା ଆଦି କରି ଖାଇପାରିବେ ।

## ସ୍ୱାସ୍ଥ୍ୟ ପାଇଁ ପିଜୁଳି



ପ୍ରାୟ ଅଧିକାଂଶ ଲୋକଙ୍କ ବାଡ଼ିଘରେ ପିଜୁଳି ଗଛଟିଏ ଥାଏ । ବର୍ଷାଦିନେ ଏହି ଫଳ ପ୍ରଚୁର ପରିମାଣରେ ବଜାରରେ ଉପଲବ୍ଧ ହୋଇଥାଏ । ଏଥିରେ ଫାଇବର, ଖଣିଜ ଓ ଖାଦ୍ୟସାର ପ୍ରଚୁର ପରିମାଣର ଥାଏ । ବିଶେଷ କରି ମଧୁମେହ ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ । ପିଜୁଳି ଅନେକ ପ୍ରକାର ଶାରୀରିକ ସମସ୍ୟାକୁ ମଧ ଦୂର କରିଥାଏ । ଏହା ତ୍ୱଚାରେ ଚମକ ଆଣିବା ସହିତ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ । ଶରୀରରେ ଏହା ଜଳୀୟଅଂଶ ବୃଦ୍ଧି କରାଏ । ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତି ଡାଏଟରେ ପିଜୁଳିକୁ ସାମିଲ କରିପାରିବେ । ଏହାକୁ ଖାଇବା ଦ୍ୱାରା ଭୋକ ଲାଗେ ନାହିଁ । ପେଟ ପୂର୍ଣ୍ଣ ହେବା ଭଳି ଲାଗେ । ଏଥିରେ କମ୍ କ୍ୟାଲୋରି ଥିବାରୁ ଓଜନ ହ୍ରାସ ପାଇଥାଏ । ପିଜୁଳି ପାଚନ କ୍ରିୟାକୁ ସଠିକ୍ କରିଥାଏ । ଗର୍ଭବତୀ ମହିଳାଙ୍କ ପାଇଁ ଏହା ବେଶ୍ ଭଲ ହୋଇଥାଏ । ସବୁବେଳେ ଥଣ୍ଡା ଓ କାଶରେ ଆକ୍ରାନ୍ତ ହେଉଥିବା ଲୋକେ ଏହାକୁ ଡାଏଟରେ ସାମିଲ କରିବା ଉଚିତ । ପିଜୁଳି ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ । ଫଳରେ ଥଣ୍ଡା କାଶ ହେବାର ଆଶଙ୍କା ହ୍ରାସ ପାଏ ।

## ଆପଣ ଜାଣନ୍ତି କି ?

- ଆଇରିସ୍ ଲେଖକ ବ୍ରାମ୍ ଷ୍ଟୋକର ହେଉଛନ୍ତି ଡ୍ରାକୁଲାର ମୂଳ ଲେଖକ ।
- ୧୯୭୫ ମସିହାରେ ସ୍ପେନୀୟ ସହରବାର୍ସେଲୋନାରେ ଜନ୍ ମାରିଓ ମ୍ୟୁଜିୟମ୍ ଖୋଲା ଯାଇଥିଲା ।
- ମାନବସତ୍ତାର ଗୁଣବତ୍ତା ବୃଦ୍ଧି ତଥା ଅଧ୍ୟୟନକୁ ୟୁଜେନିକ୍ସ କୁହାଯାଏ ।
- ଭାରତ ପୃଥିବୀର ମାତ୍ର ୨.୪% ପ୍ରତିଶତ ସ୍ଥଳଭାଗରେ ଅବସ୍ଥିତ ।
- ଉପଗ୍ରହ ତଥ୍ୟ ଅନୁଯାୟୀ ଭାରତରେ ଥିବା ଜଙ୍ଗଲ କ୍ଷୟ ହେବାରେ ଲାଗିଛି ।
- ଆମ ଦେଶରେ ସବୁଠାରୁ ଅଧିକ ଜଙ୍ଗଲ ଅଞ୍ଚଳ ମଧ୍ୟପ୍ରଦେଶରେ ରହିଛି ।
- ଯୁବା ହାତୀ ସେମାନଙ୍କ ଲମ୍ବା ନାକକୁ ମଣିଷଙ୍କ ଭଳି ସୁଁ ସୁଁ କରନ୍ତି । ଏଭଳି କରି ସେମାନେ ଆରାମ ପାଆନ୍ତି ।
- ହାତୀ ଚର୍ମର ମୋଟେଇ ଏକ ଇଞ୍ଚ ।
- ହାତୀମାନେ ପରସ୍ପର ସହ ଯୋଗାଯୋଗ ରକ୍ଷା କରିବା ପାଇଁ ଭୂଇଁରେ ପାଦ କଚାଡି ଏକ ପ୍ରକାର ଶବ୍ଦ ତରଙ୍ଗ ସୃଷ୍ଟି କରନ୍ତି ।
- ହାତୀଗୋଠରୁ କୌଣସି ହାତୀ ହଜିଗଲେ କି ମରିଗଲେ ଏମାନେ ନିଜ ଭିତରେ ସମାଧୀ ଉତ୍ସବ ପାଳନ କରନ୍ତି । ଗୋଟିଏ ଜାଗାରେ ଏକତ୍ର ଘଣ୍ଟା ଘଣ୍ଟା ଧରି ନିରବରେ ଠିଆ ହୋଇ ରହନ୍ତି ।
- ଗୋଟିଏ ହାତୀ ପ୍ରତ୍ୟେକ ଦିନ ୧୫୦ କି.ଗ୍ରା ତାଳପତ୍ର ଖାଇଥାଏ ।
- ହାତୀର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ୬ ରୁ ୭ ଥର ଦାନ୍ତ ଉଠିଥାଏ ।
- ନିଜକୁ ଶୀତଳ ରଖିବା ପାଇଁ ହାତୀ କାନ ହଲାଇଥାଏ ।

# ଫୁସଫୁସ୍ କର୍କଟ ଆଶଙ୍କା କମାଇବ ଦହି

ନୂଆ ଅଧ୍ୟୟନ ଅନୁସାରେ ଉଚ୍ଚ ମାତ୍ରାରେ ଫାଇବର ଯୁକ୍ତ ଖାଦ୍ୟ ଓ ଦହି ଫୁସଫୁସ କର୍କଟ ଆଶଙ୍କା ହ୍ରାସ କରିପାରେ । ଆମେରିକା, ୟୁରୋପ ଓ ଏସିଆର ପ୍ରାୟ ୧୪ ଲକ୍ଷ ବୟସ୍କଙ୍କ ଉପରେ ହୋଇଥିବା ବିଶ୍ଳେଷଣାତ୍ମକ ତଥ୍ୟ ଉପରେ ଅଧ୍ୟୟନ ଟି ଆଧାରିତ । ହୃଦରୋଗ ଓ ଗ୍ୟାଷ୍ଟ୍ରୋଇଷ୍ଟିନାଲ କର୍କଟ ମାମଲାରେ ଉଚ୍ଚ ମାତ୍ରାରେ ଫାଇବର ଓ ଦହି ବିଶେଷ ହିତକର ବୋଲି ପୂର୍ବ ଅଧ୍ୟୟନରୁ ପ୍ରମାଣିତ ହୋଇଛି । ତେବେ ସଦ୍ୟ ଅଧ୍ୟୟନରେ ସାମିଲ ପ୍ରତିଯୋଗୀ କେତେ ଫାଇବର ଯୁକ୍ତ ଖାଦ୍ୟ ଓ ଦହି ଖାଉଥିଲେ, ସେହି ଅନୁସାରେ ସେମାନଙ୍କୁ ୫ ଟି ଦଳରେ



ବିଭକ୍ତ କରାଯାଇଥିଲା । ଯେଉଁମାନେ ପ୍ରଚୁର ମାତ୍ରାରେ ଦହି ଓ ଫାଇବର ଯୁକ୍ତ ଖାଦ୍ୟ ଖାଇଥିଲେ, ଆଦୌ ଦହି ଖାଉ ନ ଥିଲେ ଏବଂ କମ୍ ମାତ୍ରାରେ ଫାଇବରଯୁକ୍ତ ଖାଦ୍ୟ ଖାଉଥିବା ବ୍ୟକ୍ତିଙ୍କ ତୁଳନାରେ ସେମାନଙ୍କଠାରେ ଫୁସଫୁସ୍ କର୍କଟ ଆଶଙ୍କା ୩୩ ପ୍ରତିଶତ କମ୍ ଜଣାପଡିଲା । ଆମେରିକାର ୨୦୧୫-୨୦୨୦ ଖାଦ୍ୟ ନିୟମାବଳୀରେ ଏହାକୁ ସମର୍ଥନ କରାଯାଇଛି । ଉଚ୍ଚ ଫାଇବର ଓ ଦହିକୁ ଖାଦ୍ୟ ତାଲିକାରେ ସାମିଲ କରିବାକୁ ଏହା ସୁପାରିଶ ଦେଇଛି ବୋଲି ଭ୍ୟାନଡରବିଲ୍ଟ ଇନଗ୍ରାମ କ୍ୟାନସର ସେଣ୍ଟରର ଅଧ୍ୟୟନର ବରିଷ୍ଠ ଲେଖକ ସାଓ -ଓଉ ଶୁ କହିଛନ୍ତି ।

# କେତେ ଦରକାରୀ ପୋଦିନା ?

ବାଡିବଗିଚାରେ ମିଳୁଥିବା ପୋଦିନା ଶରୀର ପାଇଁ ନିହାତି ଦରକାରୀ । ଏହାର ଅନେକ ଔଷଧ ଗୁଣ ରହିଥିବାରୁ ସମସ୍ତେ ଏହାର ବ୍ୟବହାର ସମ୍ପର୍କରେ ଜାଣିବା ଆବଶ୍ୟକ । ଗୋଟିଏ ଚାମଚ ପୋଦିନା ରସ ସହିତ ଲେମ୍ବୁ ରସ ଓ ମହୁ ମିଶାଇ ଦିନରେ ଦୁଇ/ତିନିଥର ପିଇଲେ ବଦହଜମୀ ଏବଂ ପିତ୍ତଦୋଷ କଟିଥାଏ । ପୋଦିନା ରସରେ ଚିନି ମିଶାଇ ପିଇଲେ ହାକୁଟି କମିଯାଏ ।



ପୋଦିନା ସେବନ ଦ୍ୱାରା ପରିସ୍ରା ପରିଷ୍କାର ହେବା ସହ ମହିଳାଙ୍କ ମାସିକ ଧର୍ମର ଅନିୟମିତତା ଦୂର ହୋଇଥାଏ । ପୋଦିନାର ସିଝା ପାଣିରେ ଲୁଣ ମିଶାଇ କୁଳି କଲେ କଣ୍ଠ ପରିଷ୍କାର ହୋଇଥାଏ ।

କାଶ ହେଲେ ପୋଦିନା ପତ୍ର ଓ ଅଦା ରସ ସହିତ ଟିକିଏ ମହୁ ମିଶାଇ ଚାଟିଲେ, କାଶ ଭଲ ହୋଇଥାଏ ।

ବିଷାକ୍ତ ପୋକ, ମଶା ଆଦି କାମୁଡିଲେ ପ୍ରାଥମିକ ଉପଚାର ଭାବେ ପୁଦିନା ପତ୍ରକୁ ବାଟି କ୍ଷତ ଜାଗାରେ ଲଗାନ୍ତୁ ।

ତଟକା ପୁଦିନାପତ୍ର ପ୍ରତିଦିନ ଚୋବାଇବା ଦ୍ୱାରା ଦାନ୍ତର ଜୀବାଣୁ ନଷ୍ଟ ହୋଇଯାଏ । ଏହାଛଡ଼ା ଦାନ୍ତ ସୁରକ୍ଷିତ ରହେ ।

ପୋଦିନା ପତ୍ର ସହିତ ଟିକିଏ ଗୋଲାପ ଡ଼ାଳ ଏବଂ ଲେମ୍ବୁ ରସ ମିଶାଇ ଲେପ ତିଆରି କରି ଶୋଇବା ପୂର୍ବରୁ ମୁହଁ ଧୋଇ ଲଗାଇ ଦିଅନ୍ତୁ । ସକାଳେ ସଜ ପାଣିରେ ମୁହଁ ଧୋଇ ଦେଲେ ବ୍ରଣ ଦୂର ହେବା ସହିତ ମୁହଁ ଉଜ୍ଜ୍ୱଳ ଦେଖାଯାଏ ।

# କହିପାରିବେ କି ?

(୧) ରାମାୟଣ ଅନୁସାରେ ମହର୍ଷି ବାଲ୍ମୀକିଙ୍କ ଆଶ୍ରମ କେଉଁ ନଦୀ କୂଳରେ ଥିଲା ?
(୨) ଗଙ୍ଗାନଦୀ ବାଂଲାଦେଶରେ କେଉଁ ନାମରେ ଜଣାଯାଏ ?
(୩) ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ପ୍ରଥମ ଅଧକ୍ଷ କିଏ ଥିଲେ ?
(୪) 'ଗ୍ରାଣ୍ଡ ଓଲଡ୍ ମ୍ୟାନ୍' ଭାବେ କିଏ ପରିଚିତ ?
(୫) 'ୱାର୍ ଆଣ୍ଡ ପିସ୍' ପୁସ୍ତକର ଲେଖକ କିଏ ?
(୬) ଦିଲ୍ଲୀସ୍ଥିତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ସମାଧି ସ୍ଥଳର ନାମ କ'ଣ ?
(୭) ଭାରତର ପ୍ରଥମ ମହିଳା ରେଳ ଚାଳକଙ୍କ ନାମ କ'ଣ ?
(୮) ଫଟୋଗ୍ରାଫିରେ କେଉଁ ରାସାୟନିକ ଦ୍ରବ୍ୟର ପ୍ରୟୋଗ କରାଯାଏ ?
(୯) ରାମକୃଷ୍ଣ ମିଶନର ସ୍ଥାପନା କେବେ ହୋଇଥିଲା ?
(୧୦) ବିଶ୍ୱ ପରିବାର ଦିବସ କେବେ ପାଳନ କରାଯାଏ ?

## JUMBLE WORDS

| | | | |
|---|---|---|---|
| 1) PMCASU | = | 6) IGIDT | = |
| 2) THWCA | = | 7) FIDTR | = |
| 3) SYHTA | = | 8) MEETXP | = |
| 4) SIMACO | = | 9) COEJTB | = |
| 5) CTALEK | = | 10) HUGLC | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ସ୍ୱାମୀ ଦୟାନନ୍ଦ, ୨.ଉତ୍ତର ପ୍ରଦେଶ, ୩.ଆଲୁମିନିୟମ୍ ଓ ନିକେଲ୍, ୪.ଜାନୁଆରୀ ୪, ୫.ସ୍ୱାମୀ ଶିବାନନ୍ଦ, ୬.ବୁଧ ଓ ଶୁକ୍ର, ୭.ମହାରାଷ୍ଟ୍ର, ୮.ପ୍ରଶାନ୍ତ ମହାସାଗର, ୯. ୧୯୪୯, ୧୦.ଇନ୍ଦ୍ରପ୍ରସ୍ଥ ।

***Jumble Words* ର ଉତ୍ତର :-**

(1) FROWN (2) MOTION (3) ITALIC (4) YEAST (5) FLIRT
(6) UNPACK (7) VELVET (8) VILLA (9) LIGHT (10) ENOUGH.

# ଓଡ଼ିଶାରେ ମନ୍ତ୍ରୀ ଓ ବିଧାୟକଙ୍କ ୪ ଗୁଣ ବଢ଼ିଲା ଦରମା ଓ ଭତ୍ତା

ଭୁବନେଶ୍ୱର : ରାଜ୍ୟ ସରକାର ବାଚସ୍ପତି, ଉପବାଚସ୍ପତି, ମନ୍ତ୍ରୀ, ବିଧାୟକଙ୍କ ଦରମା ତଥା ବିଭିନ୍ନ ପ୍ରକାର ଭତ୍ତା ବୃଦ୍ଧି କରିଛନ୍ତି । ୮ ବର୍ଷର ଦାବି ପରେ ସପ୍ତଦଶ ବିଧାନସଭା ପଞ୍ଚମ ଅଧିବେଶନର ଶେଷ ଦିନରେ ମନ୍ତ୍ରୀ, ବିଧାୟକଙ୍କ ଦରମା, ବିଭିନ୍ନ ଭତ୍ତା ଏବଂ ପେନସନ୍ ବୃଦ୍ଧି ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥାପନ କରିଥିବା ୪ଟି ବିଧେୟକ ଶାସକ ଓ ବିରୋଧୀଙ୍କ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି । ସମସ୍ତଙ୍କ ଦରମା ଓ ଭତ୍ତା ପ୍ରାୟ ୪ ଗୁଣା ବୃଦ୍ଧି ପାଇଛି । ବର୍ଦ୍ଧିତ ଦରମା ଓ ଭତ୍ତା ପିଛିଲା ଭାବେ ଏହା ୨୦୨୪ ଜୁନ୍ ୫ ତାରିଖରୁ ଲାଗୁ କରାଯିବ । ଦରମା ଓ ଭତ୍ତାକୁ ମିଶାଇ ଏବେ ବିଧାୟକଙ୍କୁ ମାସିକ ୩ ଲକ୍ଷ ୪୫ ହଜାର ଟଙ୍କା ମିଳିବ । ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ମାସିକ ୩ ଲକ୍ଷ ୭୪ ହଜାର ଟଙ୍କା, ବାଚସ୍ପତିଙ୍କୁ ୩ ଲକ୍ଷ ୬୮ ହଜାର ଟଙ୍କା, ଉପବାଚସ୍ପତିଙ୍କୁ ୩ ଲକ୍ଷ ୫୬ ହଜାର ଟଙ୍କା, ରାଷ୍ଟ୍ରମନ୍ତ୍ରୀଙ୍କୁ ୩ ଲକ୍ଷ ୫୬ ହଜାର ଟଙ୍କା, କ୍ୟାବିନେଟ ମନ୍ତ୍ରୀଙ୍କୁ ୩ ଲକ୍ଷ ୬୨ ହଜାର ଟଙ୍କା ମିଳିବ । ଅପରପକ୍ଷେ ବିରୋଧୀ ଦଳ ନେତାଙ୍କୁ ୩ ଲକ୍ଷ ୬୨ ହଜାର ଟଙ୍କା, ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ୩ ଲକ୍ଷ ୬୨ ହଜାର ଟଙ୍କା, ଉପମୁଖ୍ୟ ସଚେତକ/ଉପମନ୍ତ୍ରୀଙ୍କୁ ୩ ଲକ୍ଷ ୫୦ ହଜାର ଟଙ୍କା ମିଳିବ । ଓଡ଼ିଶା ବିଧାନସଭାର ସଦସ୍ୟଙ୍କୁ ପୂର୍ବରୁ ମାସିକ ମୂଳ ଦରମା ୩୫ ହଜାର ଟଙ୍କା ମିଳୁଥିବା ବେଳେ ଏବେ ତାହା ୯୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ପୂର୍ବରୁ ବିରୋଧୀ ଦଳ ନେତା ଓ ସରକାରୀ ଦଳ ମୁଖ୍ୟ ସଚେତକଙ୍କୁ ମାସିକ ୪୦ ହଜାର ଟଙ୍କା ମିଳୁଥିଲା । ଏବେ ସେମାନଙ୍କୁ ୯୬ ହଜାର ମିଳିବ । ସେହିପରି ଉପମୁଖ୍ୟ ସଚେତକ ମାସିକ ୩୬ ହଜାର ବଦଳରେ ୯୨ ହଜାର ଟଙ୍କା ପାଇବେ । ଦରମା ବ୍ୟତୀତ ବିଧାୟକମାନେ ନିର୍ବାଚନ ମଣ୍ଡଳୀ ଓ ସଚିବାଳୟ ଭତ୍ତା ବାବଦରେ ମାସିକ ୭୫ ହଜାର ଟଙ୍କା ପାଇବେ । ସେହିପରି ବୈଠକ ଭତ୍ତା ବାବଦରେ ଦୈନିକ ୩ ହଜାର ଟଙ୍କା ପାଇବେ । ରାଜ୍ୟ ବାହାରକୁ ଗଲେ ଦୈନିକ ୨ ହଜାର ଟଙ୍କା ମିଳୁଥିଲା, ଏବେ ତାହା ୧୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ବିଧାୟକ ରାଜ୍ୟ ଭିତରେ ନିଜ କାରରେ କିମ୍ବା ଭଡା କାରରେ ଗସ୍ତ କଲେ କିଲୋମିଟର ପିଛା ୨୫ ଟଙ୍କା ଓ ରାଜ୍ୟ ବାହାରକୁ ଗଲେ କିଲୋମିଟର ପିଛା ୩୫ ଟଙ୍କା ପାଇବେ । ପୂର୍ବରୁ ରାଜ୍ୟ ଭିତରେ ୧୫ ଟଙ୍କା ଓ ରାଜ୍ୟ ବାହାର ଗସ୍ତ ପାଇଁ କିମି ପିଛା ୨୦ ଟଙ୍କା ମିଳୁଥିଲା । ଅତିରିକ୍ତ ପରିବହନ ଭତ୍ତା ଆକାରରେ ସେମାନଙ୍କୁ ମାସିକ ୫୦ ହଜାର ଟଙ୍କା ଦିଆଯିବ । ପୂର୍ବରୁ ଏ ବାବଦରେ ବିଧାୟକଙ୍କୁ ମାସିକ ୧୫ ହଜାର ଟଙ୍କା ଦିଆଯାଉଥିଲା । ସେହିପରି ବହି ଓ ପତ୍ରପତ୍ରିକା କିଣିବାକୁ ମାସିକ ୧୦ ହଜାର, ବିଦ୍ୟୁତ ବିଲ ବାବଦରେ ୨୦ ହଜାର ଓ ଚିକିତ୍ସା ଭତ୍ତା ବାବଦରେ ମାସିକ ୩୫ ହଜାର ଟଙ୍କା ଦିଆଯିବ । ସରକାରୀ ଆବାସ ମିଳି ନ ଥିଲେ ଦୈନିକ ୨ ହଜାର ଟଙ୍କା ଭତ୍ତା ଦିଆଯିବ । ବିଧାୟକମାନେ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ କୌଣସି କମିଟି କାର୍ଯ୍ୟରେ ସମ୍ପୃକ୍ତ ନ ଥାଇ ଯାତ୍ରା କରୁଥିଲେ ମାସିକ ୫୦ ହଜାର ଟଙ୍କା ପାଇବେ । ଦୁଇ ଚକିଆ ଗାଡ଼ି କ୍ରୟ ବାବଦରେ ଅଗ୍ରୀମ ଭାବେ ମିଳୁଥିବା ୫ ଲକ୍ଷ ଟଙ୍କା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

ମୁଖ୍ୟମନ୍ତ୍ରୀ ୪୧ ହଜାର ଟଙ୍କା ମାସିକ ଦରମା ପାଉଥିବା ବେଳେ ଏବେ ତାହା ୧ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ଉପ ମୁଖ୍ୟମନ୍ତ୍ରୀଙ୍କ ଦରମା ୪୦ ହଜାର ବଦଳରେ ୯୮ ହଜାର, କ୍ୟାବିନେଟ ମନ୍ତ୍ରୀ ୪୦ ହଜାର ବଦଳରେ ୯୬ ହଜାର, ରାଷ୍ଟ୍ରମନ୍ତ୍ରୀ ୩୮ ହଜାର ବଦଳରେ ୯୪ ହଜାର ଟଙ୍କା, ଉପମନ୍ତ୍ରୀ ୩୬ ହଜାର ପରିବର୍ତ୍ତେ ୯୨ ହଜାର ଟଙ୍କା ପାଇବେ । କାର ପାଇଁ ୧୭ ହଜାର ଟଙ୍କା ମିଳୁଥିଲା । ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ମାସିକ ୯୧ ହଜାର, ଉପମୁଖ୍ୟମନ୍ତ୍ରୀଙ୍କୁ ୮୯ ହଜାର, ମନ୍ତ୍ରୀଙ୍କୁ ୮୭ ହଜାର, ରାଷ୍ଟ୍ରମନ୍ତ୍ରୀଙ୍କୁ ୮୫ ହଜାର ଓ ଉପମନ୍ତ୍ରୀଙ୍କୁ ୮୩ ହଜାର ଟଙ୍କା ମିଳିବ । ବ୍ୟକ୍ତିଗତ ବ୍ୟୟ ଭତ୍ତା ବାବଦରେ ମୁଖ୍ୟମନ୍ତ୍ରୀ ୧ ଲକ୍ଷ ୮୩ ହଜାର, ଉପମୁଖ୍ୟମନ୍ତ୍ରୀ ୧ ଲକ୍ଷ ୮୧ ହଜାର, ମନ୍ତ୍ରୀ ୧ ଲକ୍ଷ ୭୯ ହଜାର, ରାଷ୍ଟ୍ରମନ୍ତ୍ରୀ ୧ ଲକ୍ଷ ୭୭ ହଜାର ଏବଂ ଉପମନ୍ତ୍ରୀ ୧ ଲକ୍ଷ ୭୫ ହଜାର ଟଙ୍କା ପାଇବେ । ବିଧାନସଭାର ବୈଠକ ପାଇଁ ଦୈନିକ ଭତ୍ତା ବାବଦରେ ୨ ହଜାର ଟଙ୍କା ମିଳିବ । ପୂର୍ବରୁ ସେମାନଙ୍କୁ ୮୦୦ ଟଙ୍କା ମିଳୁଥିଲା । ବିଧାନସଭାର ବାଚସ୍ପତିଙ୍କୁ ୪୦,୫୦୦ ଟଙ୍କା ମାସିକ ଦରମା ମିଳୁଥିବା ବେଳେ ଏବେ ତାହା ୯୮ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ବିଧାନସଭା ଏବଂ କମିଟି ବୈଠକରେ ଯୋଗଦେବା ପାଇଁ ଦୈନିକ ୨ ହଜାର ଟଙ୍କା ଭତ୍ତା ମିଳିବ । ବାଚସ୍ପତିଙ୍କ କାର ରକ୍ଷଣାବେକ୍ଷଣ ପାଇଁ ମାସିକ ୮୯ ହଜାର ଟଙ୍କା ମିଳିବ । ବାଚସ୍ପତିଙ୍କୁ ବ୍ୟକ୍ତିଗତ ବ୍ୟୟ ଭତ୍ତା ମାସିକ ୧ ଲକ୍ଷ ୮୧ ହଜାର ଟଙ୍କା ପାଇ ବେ । ପୂର୍ବରୁ ଏ ବାବଦରେ ମାସିକ ୪୦ ହଜାର ଟଙ୍କା ମିଳୁଥିଲା । ଅପରପକ୍ଷେ ବି ଧାନସଭା ଉପବାଚସ୍ପତିଙ୍କ ମାସିକ ଦରମା ୩୮ ହଜାର ଟଙ୍କାରୁ ୯୪ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ଉପବାଚସ୍ପତି ବୈଠକ ଭତ୍ତା ବାବଦରେ ଦୈନିକ ୨ ହଜାର ଟଙ୍କା ପାଇବାକୁ ଥ ?ିବାବେଳେ କାର ରକ୍ଷଣାବେକ୍ଷଣ ପାଇଁ ମାସକୁ ୮୫ ହଜାର ଟଙ୍କା ପାଇବେ । ପୂର୍ବରୁ ବୈଠକ ଭତ୍ତା ଦୈନିକ ୮୦୦ ଟଙ୍କା ଓ କାର ରକ୍ଷଣାବେକ୍ଷଣ ଭତ୍ତା ୧୭ ହଜାର ଟଙ୍କା ପାଉଥିଲେ । ଉପବାଚସ୍ପତିଙ୍କୁ ମାସକୁ ବ୍ୟକ୍ତିଗତ ଭତ୍ତା ୧ ଲକ୍ଷ ୭୭ ହଜାର ଟଙ୍କା ମିଳିବ ।

# ନୂତନ ଜିଲ୍ଲା ଗଠନ ପାଇଁ ବର୍ତ୍ତମାନର ସରକାର ମଧ୍ୟ ଅଣଦେଖା କରୁଛନ୍ତି

ସମ୍ବଲପୁର : ପଶ୍ଚିମଓଡ଼ିଶା ସବୁବେଳେ ରାଜ୍ୟ ସରକାରମାନଙ୍କ ଅବହେଳା ଓ ପକ୍ଷପାତର ଶିକାର ହେଉଥିବା ଅଭିଯୋଗ ହୋଇଆସୁଛି । ପଶ୍ଚିମ ଓଡ଼ିଶାରେ ୭ଟି ନୂଆ ଜିଲ୍ଲା ଗଠନ ଦାବି ଉଠୁଥିବା ବେଳେ ଅନ୍ୟ ନ୍ୟାୟସଂଗତ ଦାବିଗୁଡ଼ିକ ଭଳି ଓଡ଼ିଶା ସରକାର ବି ଏହାକୁ ଅଣଦେଖା କରୁଛନ୍ତି । ବିଜେଡି ଭଳି ବିଜେପି ସରକାର ଦାବି ପୂରଣ ଦିଗରେ ଆନ୍ତରିକତା ଦେଖାଉ ନ ଥିବାରୁ ପଶ୍ଚିମ ଓଡ଼ିଶାବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି । ୧୯୯୩ ମସିହାରୁ ବରଗଡ଼ ଜିଲ୍ଲାର ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ପାଇଁ ଦାବି ହୋଇଆସୁଛି । ୨୦୧୮ ମସିହାରେ ଏହାକୁ ନେଇ ବଡ଼ ଆନ୍ଦୋଳନ ହୋଇଥିଲା । ୨୦୧୯ରେ ଜିଲ୍ଲା ଗଠନ ମିଳିତ କ୍ରିୟାନୁଷ୍ଠାନ କମିଟି ଏ ପ୍ରସଙ୍ଗରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲା । ପଦ୍ମପୁରର ତତ୍କାଳୀନ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ଅକାଳ ବିୟୋଗ ପରେ ଅନୁଷ୍ଠିତ ଉପନିର୍ବାଚନ ସମୟରେ ଜିଲ୍ଲା ଗଠନ ଆନ୍ଦୋଳନ ତୀବ୍ର ହୋଇଥିଲା । ଉପନିର୍ବାଚନକୁ ଦୃଷ୍ଟିରେ ରଖି ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡିସେମ୍ବର ୨୦୨୩ ସୁଦ୍ଧା ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ପୂରଣ କରି ନ ଥିଲେ । ଅନ୍ୟପକ୍ଷରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଉପଖଣ୍ଡକୁ ସ୍ୱତନ୍ତ୍ର ଆଦିବାସୀ ଜିଲ୍ଲା ଘୋଷଣା ପାଇଁ ଦାବି ହୋଇଆସୁଛି । ହେମାନନ୍ଦ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ଥିବା ସମୟରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଓ ଦେବଗଡ଼ ଉପଖଣ୍ଡକୁ ନେଇ ବାମଣ୍ଡା ଜିଲ୍ଲା କରିବାକୁ ଘୋଷଣା ହୋଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିଲା । ୧୯୯୨ ମସିହାରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ଜନତା ଦଳ ସରକାର ସମୟରେ କୁଚିଣ୍ଡା ଜିଲ୍ଲା ଗଠନ ନ ହେବାରୁ ଆନ୍ଦୋଳନ ହୋଇଥିଲା । ବରିଷ୍ଠ ଆଇନଜୀବୀ ପ୍ରମୋଦ ଛୁରିଆଙ୍କ ନେତୃତ୍ୱରେ ଗଠିତ କୁଚିଣ୍ଡା ଜିଲ୍ଲା ଗଠନ କମିଟି ପକ୍ଷରୁ ୨୩ ଅଗଷ୍ଟ ୨୦୨୨ରୁ ପ୍ରତି ମାସ ୨୩ ତାରିଖକୁ ଦାବି ଦିବସ ଭାବେ ପାଳନ କରିବାକୁ ଘୋଷଣା କରାଯାଇଛି । ସେହିପରି କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ଓ ଧର୍ମଗଡ଼କୁ ଦୁଇଟି ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରଦାନ ପାଇଁ ବହୁ ବର୍ଷରୁ ଦାବି ହେଉଛି । ୧୯୯୫ ମସିହାରେ ତତ୍କାଳୀନ ବିଧାୟକ ବୀର ସିପ୍‌କାଙ୍କ ଜରିଆରେ ସ୍ଥାନୀୟ ଲୋକମାନେ ଧର୍ମଗଡ଼କୁ ଜିଲ୍ଲା ଗଠନ ଲାଗି ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କଠାରେ ଦାବି ଜଣାଇଥିଲାବେଳେ ୨୦୧୮ରୁ ଜୁନାଗଡ଼ ଜିଲ୍ଲା ପାଇଁ ବି ଦାବି ଜୋର ଧରିଛି । ୧୯୯୦ ମସିହାରୁ ବଲାଙ୍ଗୀର ଜିଲ୍ଲାର କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ପାଇଁ ଦାବି ଆରମ୍ଭ ହୋଇଥିବା ବେଳେ ୨୦୧୮ ମସିହାରୁ ପୁଣି ଜିଲ୍ଲା ସଂଘର୍ଷ ସମିତି ଜରିଆରେ ଆନ୍ଦୋଳନ ହୋଇଆସୁଛି । ତେବେ ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ଜିଲ୍ଲା ଭାବେ ସବୁଠୁ ବଡ଼ ଦାବିଦାର ହେଉଛନ୍ତି ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା । ୧୯୯୨-୯୩ରେ କୌଣସି ଅଜଣା କାରଣରୁ ରାଜ୍ୟର ଅନ୍ୟତମ ବଡ଼ ଜିଲ୍ଲା ସୁନ୍ଦରଗଡ଼ ଅବିଭାଜିତ ରହିଥିଲା । ରାଉରକେଲାକୁ ଅଲଗା ପୁଲିସ ଜିଲ୍ଲା କରାଯାଇ ସେଠାରେ ଜଣେ ସ୍ୱତନ୍ତ୍ର ଏସ୍‌ପି ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବସ୍ଥାପିତ କରାଯାଇଥିଲା । ଏହାଛଡ଼ା ଗତ ତିନିଦଶନ୍ଧିରୁ ଅଧିକ ସମୟ ଧରି ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଉପଖଣ୍ଡକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦାବି ନେଇ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ଚାଲିଛି । ସରକାରଙ୍କ ପ୍ରତିଶ୍ରୁତି ପରେ ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ହେଉ କି ପଶ୍ଚିମଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟ ପଶ୍ଚିମଓଡ଼ିଶାକୁ ସ୍ଥାନାନ୍ତର ଦାବି ହେଉ, ବିଜେଡି ନେତୃତ୍ୱାଧୀନ ସରକାର ଦାବିଗୁଡ଼ିକୁ ଏଡ଼ାଇ ଯାଇଥିବା ବେଳେ ଶାସନକୁ ଆସିବାର ଦେଢ଼ବର୍ଷ ପରେ ବି ବିଜେପି ସରକାରଙ୍କ ପକ୍ଷରୁ ଏ ଦିଗରେ ଆନ୍ତରିକତା ପ୍ରକାଶ ପାଇ ନାହିଁ ।

# ରାଜ୍ୟ ବିଜେପି ମୋର୍ଚ୍ଚା ଓ ଜିଲ୍ଲା ପ୍ରଭାରୀଙ୍କ ନାମ ଘୋଷଣା

ଭୁବନେଶ୍ୱର : ରାଜ୍ୟ ବିଜେପି ପକ୍ଷରୁ ବିଭିନ୍ନ ମୋର୍ଚ୍ଚା, ଜିଲା ପ୍ରଭାରୀଙ୍କ ନାମ ଘୋଷଣା କରାଯାଇଛି । ଦଳ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ଅଭିଳାଷ ପଣ୍ଡା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଏବଂ ଡ. ଐଶର୍ଯ୍ୟା ବିଶ୍ୱାଳ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପଦ ବଜାୟ ରଖୁଛନ୍ତି । ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କୁ କୃଷକ ମୋର୍ଚ୍ଚା ସଭାପତି ଦାୟିତ୍ୱ ମିଳିଥିବା ବେଳେ କାନ୍ଦେରୁ ସୋରେନ ଏସଟି ମୋର୍ଚ୍ଚା, ବାଇଧର ମଲ୍ଲିକ୍ ଏସ୍‌ସି ମୋର୍ଚ୍ଚା, ପ୍ରଦ୍ୟୁମ୍ନ ନାୟକ ଓବିସି ମୋର୍ଚ୍ଚା ଏବଂ ଗୁରିନ୍ଦର ସିଂ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଦାୟିତ୍ୱ ନିର୍ବାହ କରିବେ । ରାଜ୍ୟସଭା ସାଂସଦ ସୁଜିତ କୁମାର, ସୁଦିପ୍ତ କୁମାର ରାୟ ଏବଂ ରଞ୍ଜନ କୁମାର ପଟେଲଙ୍କୁ ସେଲ୍ ଇନ୍ ଚାର୍ଜ ଦାୟିତ୍ୱ ମିଳିଛି । ଦେବେନ୍ଦ୍ର କୁମାର ନନ୍ଦ କାର୍ଯ୍ୟାଳୟ ସମ୍ପାଦକ ଓ ଜ୍ୟୋତିରଞ୍ଜନ ନାୟକ ଆଇଟି ସେଲ ଦାୟିତ୍ୱରେ ରହିବେ । ବାସୁଦେବ ବାରିକ ବରଗଡ଼, ପର୍ଶୁରାମ ମାଝୀ ବଲାଙ୍ଗିର, ଗୋବିନ୍ଦ ଅଗ୍ରୱାଲ ବୌଦ୍ଧ ଜିଲା ପ୍ରଭାରୀ ନିଯୁକ୍ତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ଗୋଉଲ ଦେବଗଡ଼, ସୀମାଞ୍ଚଳ ଖଟେଇ ଝାରସୁଗୁଡ଼ା, ଶିବାଜୀ ମହାନ୍ତି କଳାହାଣ୍ଡି, ବଟକିଶୋର ମିଶ୍ର ରାଉରକେଲା, କାଳନ୍ଦୀ ସାମଲ ସମ୍ବଲପୁର, ସୁରେଶ୍ୱର ଶତପଥୀ ସୋନପୁର ଏବଂ ରାମଚନ୍ଦ୍ର ହାଁସଦା ସୁନ୍ଦରଗଡ଼ ଜିଲ୍ଲା ପ୍ରଭାରୀ ନିଯୁକ୍ତ ହୋଇଛନ୍ତି ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।


# ବିଧାୟକଙ୍କୁ ଦରମାରେ ଓଡ଼ିଶା ଏକ ନମ୍ବର

ଭୁବନେଶ୍ୱର : ବିଧାୟକଙ୍କ ଦରମା ବଢ଼ିବା ନିଷ୍ପତ୍ତି ପରେ ଏଣିକି ବିଧାୟକମାନେ ମାସକୁ ୩ଲକ୍ଷ ୪୫ହଜାର, ମୁଖ୍ୟମନ୍ତ୍ରୀ ୩ଲକ୍ଷ ୩ଲକ୍ଷ ୭୪ହଜାର, ବାଚସ୍ପତି ଓ ଉପମୁଖ୍ୟମନ୍ତ୍ରୀ ୩ଲକ୍ଷ ୬୮ହଜାର, ଉପବାଚସ୍ପତି ଓ ରାଷ୍ଟ୍ରମନ୍ତ୍ରୀ ୩ଲକ୍ଷ ୫୬ହଜାର, କ୍ୟାବିନେଟ୍ ମନ୍ତ୍ରୀ,ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକ ୩ଲକ୍ଷ ୬୨ହଜାର, ଉପମୁଖ୍ୟ ସଚେତକ ୩ଲକ୍ଷ ୫୦ହଜାର ଟଙ୍କା ଦରମା, ଭତ୍ତା ବାବଦକୁ ପାଇବେ । ବିଧାୟକ ଓ ଅନ୍ୟ ପ୍ରତିନିଧିଙ୍କୁ ଏହିଭଳି ମୋଟା ଅଙ୍କର ଦରମା ଦେବାରେ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟ ପାଲଟିଛି । ସାରା ଦେଶରେ କୌଣସି ରାଜ୍ୟରେ ବିଧାୟକଙ୍କ ଦରମା ୨୩ଲକ୍ଷ ଟପି ନ ଥିବା ବେଳେ ଓଡ଼ିଶାରେ କିନ୍ତୁ ସର୍ବନିମ୍ନ ଦରମା ୩ଲକ୍ଷ ୪୫ହଜାର ଛୁଇଁଛି । ଏହାକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା । ମିଳିଥିବା ତଥ୍ୟ ଅନୁଯାୟୀ, ଓଡ଼ିଶା ବିଧାୟକଙ୍କୁ ମାସିକ ଦରମା ଓ ଭତ୍ତା ପ୍ରଦାନରେ ଦେଶରେ ପୂର୍ବରୁ ୨୫ତମ ସ୍ଥାନରେ ଥିବାବେଳେ ଏବେ ପ୍ରଥମ ସ୍ଥାନରେ ପହଞ୍ଚିଛି । ସେହିପରି ଝାଡ଼ଖଣ୍ଡ ବିଧାୟକମାନଙ୍କୁ ମାସିକ ଦରମା ଓ ଭତ୍ତା ମିଶାଇ ମାସକୁ ୨ଲକ୍ଷ ୮୮ହଜାର ଟଙ୍କା ଦେଇ ଦ୍ୱିତୀୟ ସ୍ଥାନରେ, ମହାରାଷ୍ଟ୍ର ୨ଲକ୍ଷ ୬୧ହଜାର ଦେଇ ତୃତୀୟ ସ୍ଥାନରେ ରହିଛନ୍ତି । ଏହାବ୍ୟତୀତ ଏହି ତାଲିକାରେ ତେଲେଙ୍ଗାନା ୨ଲକ୍ଷ ୫୦ହଜାର, ମଣିପୁର ୨.୫ଲକ୍ଷ, ହିମାଚଳ ପ୍ରଦେଶ ୨,୧୦ଲକ୍ଷ, କର୍ଣ୍ଣାଟକ ୨.୦୫ଲକ୍ଷ, ଉତ୍ତରାଖଣ୍ଡ ୨.୦୪ଲକ୍ଷ, ମେଘାଳୟ ୨.୦୨ଲକ୍ଷ, ଉତ୍ତରପ୍ରଦେଶ ୧.୮୭ଲକ୍ଷ, ବିହାର ୧.୬୫ଲକ୍ଷ, ସିକିମ୍ ୧.୬୫ଲକ୍ଷ, ଛତିଶଗଡ଼ ୧.୬୦ଲକ୍ଷ, ମିଜୋରାମ ୧,୫୦ଲକ୍ଷ, ମଧ୍ୟପ୍ରଦେଶ ୧.୫୦ଲକ୍ଷ, ରାଜସ୍ଥାନ ୧.୪୨ଲକ୍ଷ, ଗୁଜୁରାଟ ୧.୩୭ଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି । ତାଲିକାର ସବୁଠୁ ତଳେ କେରଳ ଅଛି । ଏଠାରେ ବିଧାୟକଙ୍କୁ ୭୦ହଜାର ଟଙ୍କା ଦରମା ଓ ଭତ୍ତା ବାବଦକୁ ମିଳୁଛି । ସେହିପରି ଏଡିଆର୍ ତଥ୍ୟ ଅନୁଯାୟୀ, ଓଡ଼ିଶା ବିଧାନସଭାରେ ବିଜେପିର ୭୯ଜଣ ବିଧାୟକଙ୍କ ମଧ୍ୟରୁ ୫୩ଜଣ, ବିଜେଡିରୁ ୫୦ଜଣରୁ ୪୨ଜଣ, କଂଗ୍ରେସର ୧୪ରୁ ୯ଜଣ, ସିପିଆଇ(ଏମ୍)ର ଜଣେ, ୩ ସ୍ୱାଧୀନ ବିଧାୟକଙ୍କ ମଧ୍ୟରୁ ୨ଜଣ କୋଟିପତି ଅଛନ୍ତି । ଏହିପରି ମୋଟ ୧୪୭ଜଣ ବିଧାୟକଙ୍କ ମଧ୍ୟରୁ ୧୦୭ଜଣ କୋଟିପତି ବିଧାୟକ ଓଡ଼ିଶାରେ ଅଛନ୍ତି ।


## Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଖାଦ୍ୟ, ଜଳ, ବାସଗୃହ, ଶିକ୍ଷା ଏବଂ ନ୍ୟାୟର ଉପଲବ୍ଧତା ଜରିଆରେ ଅଧିକାର ସୁନିଶ୍ଚିତ କରାଯିବା ଆବଶ୍ୟକ: ଡକ୍ଟର ପି.କେ ମିଶ୍ର

ନୂଆଦିଲ୍ଲୀ: ଖାଦ୍ୟ, ଜଳ, ବାସଗୃହ, ଶିକ୍ଷା ଏବଂ ନ୍ୟାୟର ଉପଲବ୍ଧତା ଜରିଆରେ ଅଧିକାର ସୁନିଶ୍ଚିତ କରାଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର କହିଛନ୍ତି ।

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ "ଦୈନନ୍ଦିନ ଆବଶ୍ୟକତା ସୁନିଶ୍ଚିତ କରିବା - ସମସ୍ତଙ୍କ ପାଇଁ ଜନସେବା ଓ ସମ୍ମାନ" ଶୀର୍ଷକ ଜାତୀୟ ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ଯୋଗ ଦେଇ ଡକ୍ଟର ମିଶ୍ର କହିଛନ୍ତି ଯେ, ମାନବାଧିକାରର ବିଚାର ଏବେ ନାଗରିକ ଏବଂ ରାଜନୈତିକ ଅଧିକାର ଠାରୁ ଆଗକୁ ବଢ଼ି ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ଅଧିକାର ପର୍ଯ୍ୟନ୍ତ ପହଞ୍ଚିଲାଣି । ବର୍ତ୍ତମାନ ଏହାର ସ୍ୱରୂପ ବଦଳି ଏଥିରେ ପ୍ରଯୁକ୍ତିବିଦ୍ୟା, ପରିବେଶ, ଡିଜିଟାଲ ଅନ୍ତର୍ଭୁକ୍ତିକରଣ, ପରିବେଶ ପାଇଁ ଚିନ୍ତା ଏବଂ ନୂଆ ଦୁର୍ବଳତା ସାମିଲ ହୋଇଛି । ବର୍ତ୍ତମାନ କେବଳ ସ୍ୱାଧୀନତା ଜରିଆରେ ନୁହେଁ, ବରଂ ଗୋପନୀୟତା, ସ୍ଥାନାନ୍ତର ସୁବିଧା, ସ୍ୱଚ୍ଛ ପରିବେଶ ଏବଂ ଡିଜିଟାଲ ଅନ୍ତର୍ଭୁକ୍ତିକରଣର ଉପଲବ୍ଧତା ମାଧ୍ୟମରେ ମର୍ଯ୍ୟାଦାପୂର୍ଣ୍ଣ ଜୀବନର ମୂଲ୍ୟାଙ୍କନ କରାଯାଉଛି ।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ ଯେ, ଭାରତର ସଭ୍ୟତାଗତ ଲୋକ ପରମ୍ପରାରେ ସମ୍ମାନ ଏବଂ କର୍ତ୍ତବ୍ୟକୁ ସାର୍ବଜନୀନ ଜୀବନରେ ପ୍ରାଥମିକତା ଦିଆଯାଉଥିଲା । ଧର୍ମ, ନ୍ୟାୟ, କରୁଣା ଏବଂ ସେବା ଭଳି ବିଚାର ସଚ୍ଚୋଟ ବ୍ୟବହାର ଏବଂ କଲ୍ୟାଣ ପ୍ରତି ଧ୍ୟାନ ଦେଉଥିଲା । ଅନୁରୂପ ଭାବେ ଅହିଂସା ସଂଯମତାକୁ ପ୍ରୋତ୍ସାହିତ କରୁଥିଲା । ବସୁଧୈବ କୁଟୁମ୍ବକମ୍ ଭଳି ବିଚାର ସମ୍ପୂର୍ଣ୍ଣ ମାନବଜାତିକୁ ଗୋଟିଏ ପରିବାର ରୂପେ ବିବେଚନା କରୁଥିଲା । ଏହି ସିଦ୍ଧାନ୍ତଗୁଡ଼ିକ ଭାରତର ସମ୍ବିଧାନ ପ୍ରସ୍ତୁତିକୁ ପ୍ରଭାବିତ କରିଥିଲା । ଫଳରେ ଏଥିରେ ସାର୍ବଜନୀନ ପ୍ରାପ୍ତବୟସ୍କ ମତାଧିକାର ଏବଂ କାର୍ଯ୍ୟକାରିତା ଯୋଗ୍ୟ ଅଧିକାର ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଏବଂ କଲ୍ୟାଣକୁ ପ୍ରାଥମିକତା ଦେଉଥିବା ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତକୁ ସାମିଲ କରାଯାଇଥିଲା ।





୨୦୧୪ ପୂର୍ବ ଦଶନ୍ଧି ସମୟକୁ ମନେ ପକାଇ ଡକ୍ଟର ମିଶ୍ର କହିଥିଲେ ଯେ, ଶିକ୍ଷାଧିକାର ଆଇନ, ଏମଜିଏନଆରଇଜିଏ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଭଳି ଆଇନ ଜରିଆରେ ବିକାଶ ଲାଗି ଏକ ଅଧିକାର ଆଧାରିତ ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା । ତେବେ, ପ୍ରଭାବୀ ବିତରଣ ବିନା ଏସବୁ ପଦକ୍ଷେପର ବିଶ୍ୱସନୀୟତା କ୍ଷୁର୍ଣ୍ଣ ହୋଇଥିଲା । କିନ୍ତୁ ୨୦୧୪ ପରଠାରୁ ସରକାର ସମ୍ପୂର୍ଣ୍ଣତା ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରି ଆସୁଛନ୍ତି । କୌଣସି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ିବେ ସେଥିପ୍ରତି ଧ୍ୟାନ ଦିଆଯାଇଛି । "କାଗଜପତ୍ରରେ ଅଧିକାର" ପରିବର୍ତ୍ତେ "କାର୍ଯ୍ୟକାରୀ ଅଧିକାର" ଆଡ଼କୁ ସରକାରଙ୍କ ଆଭିମୁଖ୍ୟ ବଦଳିଛି । ଡିଜିଟାଲ ଭିତ୍ତିଭୂମି, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଏବଂ ବିକଶିତ ଭାରତ ସଂକଳ୍ପ ଯାତ୍ରା ଭଳି ପ୍ରଚାରପ୍ରସାର ଅଭିଯାନ ଏହି ଆଭିମୁଖ୍ୟକୁ ପ୍ରଭାବୀ ଢଙ୍ଗରେ ସମର୍ଥନ କରିଛି । ଦାରିଦ୍ର୍ୟ ଦୂରୀକରଣ ସବୁଠୁ ପ୍ରଭାବୀ ମାନବାଧିକାର ହସ୍ତକ୍ଷେପ ବୋଲି ସେ ଜୋର୍ ଦେଇ କହିଥିଲେ । ଗତ ଏକ ଦଶନ୍ଧି ମଧ୍ୟରେ ୨୫ କୋଟି ଭାରତୀୟ ଦାରିଦ୍ର୍ୟ କବଳରୁ ମୁକ୍ତି ପାଇଛନ୍ତି । ୨୦୨୩-୨୪ ବର୍ଷର ଘରୋଇ ଉପଭୋକ୍ତା ଖର୍ଚ୍ଚ ଏହାର ପ୍ରମାଣ ଦେଉଛି ବୋଲି ସେ ଉଲ୍ଲେଖ କରିଥିଲେ ।

ଦୈନନ୍ଦିନ ଆବଶ୍ୟକତାକୁ ସୁରକ୍ଷିତ ରଖିବା ପାଇଁ ଘରେ ସମ୍ମାନ, ସାମାଜିକ ସୁରକ୍ଷା, ସମାବେଶୀ ଆର୍ଥିକ ବିକାଶ ଏବଂ ଦୁର୍ବଳ ସମ୍ପ୍ରଦାୟ ପାଇଁ ନ୍ୟାୟ ଆଦି ଚାରୋଟି ସ୍ତମ୍ଭ ବିଷୟରେ ଡକ୍ଟର ମିଶ୍ର ବର୍ଣ୍ଣନା କରିଥିଲେ । ସେ କହିଥିଲେ, ପ୍ରଥମତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ, ସ୍ୱଚ୍ଛ ଭାରତ ଅଭିଯାନ, ସୌଭାଗ୍ୟ ଏବଂ ଉଜ୍ଜ୍ୱଳା ଆଦି ଯୋଜନା ବାସଗୃହ, ଜଳଯୋଗାଣ, ପରିମଳ, ବିଦ୍ୟୁତ ଏବଂ ସ୍ୱଚ୍ଛ ଇନ୍ଧନ ଯୋଗାଇ ଦେଇ ଜୀବନକୁ ପରିବର୍ତ୍ତନ କରୁଛି । ଏହା ଘରେ ସମ୍ମାନ ସୁନିଶ୍ଚିତ କରୁଛି । ଦ୍ୱିତୀୟତଃ, ସାମାଜିକ ସୁରକ୍ଷା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା କୋଭିଡ ମହାମାରୀ ସମୟରେ ୮୦ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇ ଦେଇଥିଲା । ଆୟୁଷ୍ମାନ ପିଏମଜେଓ୍ୱାଇ ଯୋଜନା ୪୨ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ ବୀମା ସୁବିଧା ଦେଇଛି । ବୀମା, ପେନସନ ଏବଂ ନୂତନ ଶ୍ରମ ଆଇନ ଅସଂଗଠିତ ଏବଂ ଗିଗ୍ ଶ୍ରମିକମାନଙ୍କୁ ଲାଭ ପ୍ରଦାନ କରିଛି । ମାନସିକ ସ୍ୱାସ୍ଥ୍ୟସେବା ଆଇନ ଭଳି ସଂସ୍କାର ଦୁର୍ବଳ ସମ୍ପ୍ରଦାୟ ପାଇଁ ସମ୍ମାନ ସୁନିଶ୍ଚିତ କରିଥିଲା । ତୃତୀୟତଃ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ସଶକ୍ତିକରଣ ଜରିଆରେ ସମାବେଶୀ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରାଯାଉଛି । ଜାମ୍ ତ୍ରୟ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରରେ ବିପ୍ଳବ ଆଣିଛି । ୫୬ କୋଟିରୁ ଅଧିକ ଜନଧନ ଆକାଉଣ୍ଟ ବ୍ୟାଙ୍କ ସେବାରୁ ବଞ୍ଚିତ ଲୋକଙ୍କୁ ଆନୁଷ୍ଠାନିକ ଆର୍ଥିକ ସହାୟତା ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଏବଂ ପିଏମ୍ ସ୍ୱନିଧି ଭଳି ଯୋଜନା ଉଦ୍ୟୋଗ ସୃଷ୍ଟିକୁ ପ୍ରୋତ୍ସାହିତ କରିଛି । ସ୍ୱୟଂ ସହାୟକ ଗୋଷ୍ଠୀ, 'ଲକ୍ଷପତି ଦିଦି', ବେଟୀ ବଚାଓ ବେଟୀ ପଢ଼ାଓ ଏବଂ ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ଐତିହାସିକ ଏକ-ତୃତୀୟାଂଶ ସଂରକ୍ଷଣ ମାଧ୍ୟମରେ ମହିଳା ସଶକ୍ତିକରଣ ମଜବୁତ ହୋଇଛି । ଚତୁର୍ଥତଃ, ନୂତନ ଫୌଜଦାରୀ ଆଇନ ସଂହିତା, ଫାଷ୍ଟ-ଟ୍ରାକ୍ କୋର୍ଟ, ପୋକସୋ ଆଇନ, ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଆଇନ ଏବଂ ଆଦିବାସୀ ସମ୍ପ୍ରଦାୟ ପାଇଁ ପିଏମ-ଜନମନ ମାଧ୍ୟମରେ ଦୁର୍ବଳ ସମ୍ପ୍ରଦାୟଙ୍କ ପାଇଁ ନ୍ୟାୟ ଏବଂ ସୁରକ୍ଷା ସୁଦୃଢ଼ କରାଯାଇଛି । ଭେକ୍ସିନ୍ ମୈତ୍ରୀ ସମେତ ବିଭିନ୍ନ ମାନବୀୟ ସହାୟତା ମାନବାଧିକାରର ସାର୍ବଜନୀନ ପ୍ରସାରରେ ଭାରତର ବିଶ୍ୱାସକୁ ପ୍ରତିଫଳିତ କରିଛି ।




ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଜନ ଭାଗୀଦାରୀ ଆହ୍ୱାନ ଦ୍ୱାରା ପରିଚାଳିତ ହୋଇ, ସାର୍ବଜନୀନ ସେବା ପ୍ରଦାନ ଏବେ ସୁପାରିସରୁ ପ୍ରତିକ୍ରିୟା, ଯୋଜନା ପ୍ରଣୟନରୁ ମର୍ଯ୍ୟାଦା ପ୍ରଦାନ ଏବଂ ଲୋକଙ୍କୁ ହିତାଧିକାରୀ ଭାବରେ ଦେଖିବା ଠାରୁ ଉର୍ଦ୍ଧ୍ୱକୁ ଯାଇ ରାଷ୍ଟ୍ର ନିର୍ମାଣରେ ଅଂଶୀଦାର କରିବା ପର୍ଯ୍ୟନ୍ତ ପରିବର୍ତ୍ତିତ ହୋଇଛି । ଜାତିସଂଘ ମାନବାଧିକାର ପରିଷଦକୁ ଭାରତର ନିର୍ବାଚନ ଗଣତାନ୍ତ୍ରିକ ପ୍ରତିଷ୍ଠାନ ଏବଂ ସମାବେଶୀ ବିକାଶ ପ୍ରତି ବିଶ୍ୱବ୍ୟାପୀ ବିଶ୍ୱାସକୁ ପ୍ରତିଫଳିତ କରୁଛି । ଦେଶ ଏବେ ବିକଶିତ ଭାରତ ୨୦୪୭ ଦିଗରେ ଅଗ୍ରସର ହେଉଥିବାରୁ ପରିବର୍ଦ୍ଧିତ ଆହ୍ୱାନଗୁଡ଼ିକୁ ନେଇ ତାଙ୍କୁ ଗ୍ରହଣ କରିବା ଲାଗି ଡକ୍ଟର ମିଶ୍ର ଜାତୀୟ ମାନବାଧିକାର ଆୟୋଗକୁ ଅନୁରୋଧ କରିଥିଲେ । ଜଳବାୟୁ ପରିବର୍ତ୍ତନ, ପରିବେଶଗତ ନ୍ୟାୟ, ତଥ୍ୟ ସୁରକ୍ଷା, ଆଲଗୋରିଦମିକ୍ ନିରପେକ୍ଷତା, ଦାୟିତ୍ୱପୂର୍ଣ୍ଣ ଏଆଇ, ଗିଗ୍ କାମର ଦୁର୍ବଳତା ଏବଂ ଡିଜିଟାଲ୍ ନିରୀକ୍ଷଣକୁ ପ୍ରମୁଖ ଚିନ୍ତା ରୂପେ ସେ ଉଲ୍ଲେଖ କରିଥିଲେ ।

## ଭୁବନେଶ୍ୱରରେ ପ୍ରଫୁଲ୍ଲ ମିତ୍ର ସମ୍ମାନିତ



ସମ୍ବଲପୁର : ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ ମିତ୍ର ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ ସମ୍ମାନିତ ହୋଇଥିବାରୁ ଭୁବନେଶ୍ୱରର ଉତ୍କଳ ସଂଗୀତ ମହା-ବିଦ୍ୟାଳୟର ପୁରାତନ ଛାତ୍ର ୱେଲଫେୟାର ସୋସାଇଟି ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି । ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପଣ୍ଡିତ ମିତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ଗୁରୁ ଶ୍ରୀ ରାମହରି ଦାଶ, ଲାଲା ବିରେନ ରାଏ ଓ ଦୀପିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ସମ୍ବଲପୁରଠାରେ ରାଜ୍ୟସ୍ତରୀୟ ବିଶ୍ୱ ମାନବ ଅଧିକାର ଦିବସ ପାଳିତ

ସମ୍ବଲପୁର : ଅଧିକାର ସୁରକ୍ଷିତ ହେଲେ ସାମାଜ ସୁଦୃଢ଼ ହୁଏ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି । ଓଡ଼ିଶା ମାନବିକ ଅଧିକାର ଆୟୋଗ ଆନୁକୂଲ୍ୟରେ ଏଠାରେ ଆୟୋଜିତ ବିଶ୍ୱ ମାନବାଧିକାର ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିବା ସହିତ ମାନବାଧିକାରକୁ ବଜାୟ ରଖିବା ପାଇଁ ସାମୂହିକ ପ୍ରତିବଦ୍ଧତା ପାଇଁ ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ଅଧିକାରଗୁଡ଼ିକ କେବଳ ଆଇନ ମାଧ୍ୟମରେ ନୁହେଁ ବରଂ ନାଗରିକ, ଅନୁଷ୍ଠାନ ଏବଂ ଗୋଷ୍ଠୀମାନଙ୍କର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ବିକଶିତ ହେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି । ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ, ମାନବାଧିକାର କର୍ମୀ ତଥା ରମନ ମାଗାସେସେ ପୁରସ୍କାର ବିଜେତା ବେଜୱାଡା ୱିଲସନ ଏବଂ ପୂର୍ବତନ ଡିଜିପି ତଥା ଓପିଏସସିର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସତ୍ୟଜିତ ମହାନ୍ତି ମଧ୍ୟ ଏଥିରେ ଉଦ୍‌ବୋଧନ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରମୁଖ ମଞ୍ଚାସୀନ ଥିଲେ । ଓଡ଼ିଶା ମାନବାଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଦସ୍ୟ ଚିତ୍ତରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




## ବିଧାୟକଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଉଦ୍‌ଘାଟନ ଏବଂ ଶିଳାନ୍ୟାସ

ଝାରସୁଗୁଡା: ଲଇକେରା ବ୍ଲକର ବିଭିନ୍ନ ସ୍ଥାନରେ ବିଧାୟକ ଟଙ୍କଧର ତ୍ରିପାଠୀ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ୩୭୬ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଲଇକେରା ବ୍ଲକ ଅନ୍ତର୍ଗତ ଡୁମ୍ବେରଡ଼ିହି ଠାରୁ ନାଏକ ବନ୍ଧପାଲି ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ସେ ଶିଳାନ୍ୟାସ କରିଥିଲେ । ସେହିପରି ବାବୁଚିପିଡିହି ଗ୍ରାମପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାଉଣ୍ଡରୀ ୱାଲ୍ ଏବଂ ମୁଖ୍ୟ ଗେଟର ମଧ୍ୟ ସେ ଉଦ୍‌ଘାଟନ କରିଥିଲେ । ଏହା ସହିତ ଲଇକେରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ୮୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସଂଯୋଗକାରୀ ରାସ୍ତା ନିର୍ମାଣ ଓ ସରଙ୍ଗଲୋଇ ଗ୍ରାମପଞ୍ଚାୟତ ଠାରେ ୧୦ ଲକ୍ଷ ଟଙ୍କାର ଜିପିଏଲଏଫ ଅଫିସ୍ ଏବଂ ମାର୍କେଟ କମ୍ପ୍ଲେକ୍ସ ବିଧାୟକ ତ୍ରିପାଠୀ ଶିଳାନ୍ୟାସ କରିଥିଲେ । ବିଧାୟକଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ବିହାରୀ ଛୁରିଆ, ପିଏଆଇଟିଡିଏ ସଂଜୀବ ପଟେଲ, ଝାରସୁଗୁଡା ବିଡ଼ିଓ ଜର୍ଜ ତୁଙ୍ଗତୁଙ୍ଗ, ପଙ୍କଜ ବେହେରା, ସୁକାନ୍ତି ଜୟପୁରିଆ ପ୍ରମୁଖ ଉପସ୍ଥିତ ଥିଲେ ।



## ନୃସିଂହ ଗୁରୁ ସ୍ମୃତି ସମିତିର ବିଭିନ୍ନ ପ୍ରତିଯୋଗିତା ଡିସେମ୍ବର ୨୧ରେ

ସମ୍ବଲପୁର: ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆସନ୍ତା ୨୧ ତାରିଖ ଦିନ ପଟ୍ଟନାୟକପଡ଼ା ସ୍ଥିତ ବ୍ରଜମୋହନ ପଟ୍ଟନାୟକ ୟୁ.ପି. ସ୍କୁଲରେ ଅନୁଷ୍ଠିତ ହେବ । କେ.ଜି ଛାତ୍ରଛାତ୍ରୀଙ୍କ ଠାରୁ କଲେଜ ସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ଡ୍ରଇଂ, ସୁନ୍ଦର ହସ୍ତାକ୍ଷର ଲିଖନ, ପ୍ରବନ୍ଧ ଲିଖନ, ବକ୍ତୃତା, କୁଇଜ୍, ଶ୍ରୀମଦ୍‌ଭଗବତ୍ ଗୀତା ଶ୍ଳୋକ ଆବୃତ୍ତି, ଦେଶାତ୍ମବୋଧ ସଂଗୀତ ଓ ଭଜନ ପ୍ରତିଯୋଗିତା ହେବ । ଉକ୍ତ ଦିନ ଡ୍ରଇଂ ପ୍ରତିଯୋଗିତା ସକାଳ ୯ ଟାରେ ହେବାକୁ ଥିବା ବେଳେ ଅନ୍ୟାନ୍ୟ ପ୍ରତିଯୋଗିତା ଦିନ ୧୦ ଘ. ସମୟରେ ହେବ । ପ୍ରତିଯୋଗିତା ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧିଶ ଅରବିନ୍ଦ ମହାପାତ୍ର, ଶାନ୍ତିନଗର, ସମ୍ବଲପୁର, ମୋ. ୯୪୩୮୩୮୬୯୮୪ ନମ୍ବରରେ ଯୋଗାଯୋଗ କରାଯାଇ ପାରିବ ବୋଲି ସ୍ମୃତି ସମିତି ପକ୍ଷରୁ କୁହାଯାଇଛି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra